# ଅନ୍ୟ ଜଣଙ୍କ ଆକାଉଣ୍ଟକୁ ଭୁଲ୍‌ରେ ଚାଲିଗଲା ୪୫ ଲକ୍ଷ

ରାୟଗଡ଼ା,୫।୧୧(ଆଶିଷ ରଞ୍ଜନ ପଣ୍ଡା)


ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଅଧିଗ୍ରହଣ ହୋଇଥିବା ଘର ଓ ଜମି।

- ପ୍ରକୃତ ହିତାଧିକାରୀ କ୍ଷତିପୂରଣ ନ ପାଇ ଜିଲାପାଳଙ୍କ ଦ୍ୱାରସ୍ଥ
- ଭୁଲ୍ ଏଷ୍ଟିମେଟ ଯୋଗୁ ସମସ୍ୟାରେ ତହସିଲ ବିଭାଗ
- ସପ୍ତାହେ ମଧ୍ୟରେ ସମାଧାନ ପାଇଁ ନିର୍ଦ୍ଦେଶ

ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ କ୍ଷତିପୂରଣ ବାବଦ ଟଙ୍କା ଦେବା ନେଇ ରାୟଗଡ଼ା ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା କାରଣରୁ ସମସ୍ୟା ଭୋଗୁଛି ତହସିଲ। ଜମି ଅଧିଗ୍ରହଣ ବାବଦ ୪୫ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରକୃତ ହିତାଧିକାରୀଙ୍କ ବଦଳରେ ଅନ୍ୟ ଜଣଙ୍କ ଆକାଉଣ୍ଟକୁ ଚାଲିଯାଇଥିବା ଘଟଣା ନେଇ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇବା ପରେ ଜିଲାପାଳ ପାରୁଲ ପଟୱାରି ସପ୍ତାହେ ମଧ୍ୟରେ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ରାୟଗଡ଼ାଠାରୁ କେରେଡା ମୁଖ୍ୟ ରାସ୍ତା ସ୍ଥାନାନ୍ତର ପାଇଁ ଜମି ଅଧିଗ୍ରହଣ ବେଳେ ବିଭିନ୍ନ ସ୍ଥାନରେ ଥିବା ଘରୋଇ ଜମି ମାଲିକଙ୍କୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ହେଲେ ରାୟଗଡ଼ା ତହସିଲ ଅନ୍ତର୍ଗତ ପିତାମହଲ ମୌଜାରେ ଖାତା ନମ୍ବର ୨୦/୪୮୪ ଅନ୍ତର୍ଗତ ପ୍ଲଟ୍ ନମ୍ବର ୭/୪୦୮ ଓ ଖାତା ନମ୍ବର ୨୦/୪୮୩ ଅନ୍ତର୍ଗତ ପ୍ଲଟ୍ ନମ୍ବର ୭/୪୦୮/୫୬୪ରେ ରହିଥିବା ଏକ ଘରର ୨ଜଣ ମାଲିକ ଏହି କ୍ଷତିପୂରଣ ପାଇ ନ ଥିବା ଅଭିଯୋଗ ହୋଇଛି। ଏହି ଦୁଇଟି ପ୍ଲଟ୍‌ରେ ଗୋଟିଏ ଗୋଦାମ ଗୃହ ଯୁଗ୍ମ ଭାବରେ ପୂର୍ଣ୍ଣିମା ନୀଳଗିରି ଏବଂ ଭେଙ୍କଟରାଓ ଡୁଡଲାଙ୍କ ରହିଛି। ସେମାନଙ୍କ ଖାଲି ଜାଗା ସହିତ ୧୮୮ ବର୍ଗଫୁଟ ଗୃହ ଅଧିଗ୍ରହଣ ହୋଇଛି। ଉକ୍ତ ବାବଦକୁ ୪୪ ଲକ୍ଷ ୪୯ ହଜାର ୮୭୪ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ନେଇ ଆକଳନ ହୋଇଥିଲା। ହେଲେ ସେହି ଟଙ୍କା ଉଭୟ କ୍ଷତିଗ୍ରସ୍ତଙ୍କୁ ୨୦୨୩ ଅକ୍ଟୋବରରୁ ପ୍ରଦାନ କରାଯାଇନାହିଁ। ଫଳରେ ଏହି ଦୁଇ କ୍ଷତିଗ୍ରସ୍ତ ବାରମ୍ବାର ପୂର୍ତ୍ତ ବିଭାଗ ଓ ତହସିଲ କାର୍ଯ୍ୟାଳୟକୁ ଯାଇ ନୟାନ୍ତ ହେଲେଣି। ଅପରପକ୍ଷରେ ସେମାନଙ୍କ କ୍ଷତିପୂରଣ ଅନ୍ୟ ଜଣେ କ୍ଷତିଗ୍ରସ୍ତଙ୍କ ଆକାଉଣ୍ଟକୁ ଭୁଲ୍‌ରେ ଚାଲିଯାଇଥିବା ଜଣାପଡ଼ିଛି। ସେହିପରି ପିତାମହଲ ମୌଜା ଅନ୍ତର୍ଗତ ଖାତା ନମ୍ବର ୨୨/୪୪ର ପ୍ଲଟ୍ ନମ୍ବର ୮/୫୨୩ ରେ ଆଉ ଜଣେ କ୍ଷତିଗ୍ରସ୍ତ ବାସନ୍ତୀ ବେହେରାଙ୍କ ଏକ ଗୋଦାମ ଗୃହ ମଧ୍ୟ ଅଧିଗ୍ରହଣ ହୋଇଛି। ତାଙ୍କୁ କ୍ଷତିପୂରଣ ବାବଦରେ ୧୦ ଲକ୍ଷ ୭୭ ହଜାର ୮୫୦ ଟଙ୍କା ପ୍ରଦାନ ହେବା କଥା, କିନ୍ତୁ ଭୁଲ୍‌ବଶତଃ ୫୫ ଲକ୍ଷ ୨୭ ହଜାର ୭୭୧ ଟଙ୍କା ପ୍ରଦାନ ହୋଇଛି । ପ୍ରାୟ ୪୫ ଲକ୍ଷ ଟଙ୍କା ଅଧିକ ଭୁଲ୍‌ବଶତଃ ପ୍ରଦାନ ହୋଇଛି। ପୂର୍ତ୍ତ ବିଭାଗ କ୍ଷତିଗ୍ରସ୍ତଙ୍କ ତାଲିକାରେ ପୂର୍ଣ୍ଣିମା ନୀଳଗିରି ଏବଂ ଭେଙ୍କଟରାଓ ଡୁଡଲାଙ୍କ ନାମ ଉଲ୍ଲେଖ ନ କରି କେବଳ ବାସନ୍ତୀ ବେହେରାଙ୍କ ନାମ ଉଲ୍ଲେଖକରି ତାଲିକା ତହସିଲକୁ ପ୍ରଦାନ କରିଥିଲେ। ଉକ୍ତ ତାଲିକା ପ୍ରକାରେ ତହସିଲ କର୍ତ୍ତୃପକ୍ଷ କ୍ଷତିପୂରଣ ରାଶି ବାସନ୍ତୀ ବେହେରାଙ୍କୁ ପ୍ରଦାନ କରିଦେଲେ। ଏହାପରେ ଯେତେବେଳେ ପୂର୍ଣ୍ଣିମା ନୀଳଗିରି ଏବଂ ଭେଙ୍କଟରାଓ ଡୁଡଲା ତହସିଲ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କ କ୍ଷତିପୂରଣ କଥା ପଚାରିଲେ ସେତେବେଳେ କଥା ଲୋକଲୋଚନକୁ ଆସିଲା। ତନାଘନା ହେବାପରେ ପୂର୍ତ୍ତ ବିଭାଗ ତ୍ରୁଟି କରିଥିବା ଜଣାପଡିଛି। ତେବେ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ କିଭଳି ତାଙ୍କ କ୍ଷତିପୂରଣ ଦିଆଯିବ ସେ ନେଇ ଚିନ୍ତା ଘାରିଛି। ଅନ୍ୟପକ୍ଷରେ କ୍ଷତିପୂରଣ ନ ମିଳିଲେ ପୂର୍ଣ୍ଣିମା ନୀଳଗିରି ଏବଂ ଭେଙ୍କଟରାଓ ଡୁଡଲା ଘର ଖାଲି କରିବେନାହିଁ ବୋଲି ରୋକ୍‌ଠୋକ୍ କହିସାରିଛନ୍ତି। ଫଳରେ ଏହି ସମସ୍ୟା ଯୋଗୁ ରାସ୍ତା ନିର୍ମାଣ ମଧ୍ୟ ଆଗକୁ ବଢ଼ିପାରୁନାହିଁ। ମଙ୍ଗଳବାର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଦୁର୍ଗା ବେହେରା ରାୟଗଡ଼ା ଆସି କ୍ଷେତ୍ର ପରିଦର୍ଶନକରି ତୁରନ୍ତ ରାସ୍ତା ନିର୍ମାଣ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ କହିଛନ୍ତି, ପୂର୍ତ୍ତ ବିଭାଗ ଯେଉଁଭଳି ତାଲିକା ଦେଲେ, ସେହି ଅନୁସାରେ ଆମେ କ୍ଷତିଗ୍ରସ୍ତଙ୍କୁ ଅର୍ଥ ପ୍ରଦାନ କଲୁ। ଭୁଲ୍‌ରେ ଯେଉଁ ବ୍ୟକ୍ତିଙ୍କ ନିକଟକୁ ଟଙ୍କା ଚାଲିଯାଇଛି ତାହା ଆଦାୟ ଚାଲିଛି। ଶୀଘ୍ର ଏହାର କାର୍ଯ୍ୟ ସରିବ ବୋଲି ତହସିଲଦାର ସ୍ୱାଇଁ କହିଛନ୍ତି। ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମ୍ବିକେୟ ମିଶ୍ରଙ୍କୁ ପଚାରିବାରୁ ଏଷ୍ଟିମେଟ ବେଳେ ଏଭଳି ଭୁଲ୍ ହୋଇଛି ଏବଂ ୨ ଦିନ ମଧ୍ୟରେ ଯୁଗ୍ମ ଯାଞ୍ଚକରି ଏହାର ସମାଧାନ କରାଯିବ ବୋଲି କହିଛନ୍ତି ।

# ରକ୍ତାକ୍ତ ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ

ରାୟଗଡ଼ା/ଟିକିରି,୫।୧୧(ଆଶିଷ ରଞ୍ଜନ ପଣ୍ଡା/ ପ୍ରଫୁଲ୍ଲ କୁମାର ବେହେରା)

**ହତ୍ୟା ସନ୍ଦେହ, ସ୍ତ୍ରୀ ଓ ସମ୍ପର୍କୀୟଙ୍କ ସମ୍ପୃକ୍ତି ନେଇ ଏତଲା**

ରାୟଗଡ଼ା ଜିଲା ଅଣ୍ଡିରାକାଞ୍ଚ ଥାନା ଅଧୀନ କାକୁଡ଼ିପଦର ଗ୍ରାମ ନିକଟରୁ ମଙ୍ଗଳବାର ସକାଳେ ପୋଲିସ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ନୂଆଗାଁ ଗ୍ରାମର ଯୁଧିଷ୍ଠିର ଜାନି (୪୩)। ପାରିବାରିକ କଳହକୁ ନେଇ ଯୁଧିଷ୍ଠିରଙ୍କୁ ହତ୍ୟାକରି ଫିଙ୍ଗିଦିଆଯାଇଥିବା ମୃତକଙ୍କ ବଡ଼ଭାଇ ଅଣ୍ଡିରାକାଞ୍ଚ ଥାନାରେ ଅଭିଯୋଗ କରିଛନ୍ତି। ହତ୍ୟାକାଣ୍ଡରେ ଯୁଧିଷ୍ଠିରଙ୍କ ସ୍ତ୍ରୀ ସୁକୁମତି ଜାନି ଓ ତାଙ୍କ ସମ୍ପର୍କୀୟଙ୍କ ସମ୍ପୃକ୍ତି ଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଅଣ୍ଡିରାକାଞ୍ଚ ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

ନୂଆଗାଁସ୍ଥିତ ଡିଙ୍ଗିରି ସାହିର ଯୁଧିଷ୍ଠିର କାକୁଡ଼ିପଦର ଗ୍ରାମର ସୁକୁମତିଙ୍କୁ ବିବାହ କରିଥିଲେ। ଅଧିକାଂଶ ସମୟରେ ଯୁଧିଷ୍ଠିର ମଦ୍ୟପାନ କରୁଥିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା । ଗତ ରବିବାର ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେବାରୁ ସୁକୁମତି ନିଜ ବାପଘର କାକୁଡ଼ିପଦର ଗ୍ରାମକୁ ଚାଲି ଆସିଥିଲେ। ଯୁଧିଷ୍ଠିର ସ୍ତ୍ରୀଙ୍କୁ ବୁଝାଇବାକୁ ସୋମବାର ସନ୍ଧ୍ୟାରେ ଚାଲି ଚାଲି କାକୁଡ଼ିପଦର ଗ୍ରାମକୁ ଆସିଥିଲେ। ମଙ୍ଗଳବାର ସକାଳୁ ଯୁଧିଷ୍ଠିରଙ୍କ ମୃତଦେହ ଉକ୍ତ ଗ୍ରାମଠାରୁ ୧ କି.ମି. ଦୂରରେ ଥିବା ଏକ ପଡ଼ିଆରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହିତ ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି, ଟିକିରି ଥାନା ଅଧିକାରୀ ବିଶ୍ୱ ବନ୍ଦିନୀ ବାଗ, ଅଣ୍ଡିରାକାଞ୍ଚ ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ ଘଟଣାର ତଦନ୍ତ କରିଛନ୍ତି। ଏ ନେଇ କେସ୍ ନଂ. ୯୯/୨୪ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କାଶୀପୁର ଡାକ୍ତରଖାନାକୁ ପଠାଯାଇଥିବା ଏସ୍‌ଡିପିଓ ସେନାପତି ସୂଚନା ଦେଇଛନ୍ତି।

# ପରିବାରର ମଙ୍ଗଳ ମନାସି ନାଗ ଚତୁର୍ଥୀ ପୂଜା


ମାଟିହୁଙ୍କା ନିକଟରେ ଲୋକେ ନାଗଚତୁର୍ଥୀ ପୂଜା କରୁଛନ୍ତି।

ମୁନିଗୁଡ଼ା,୫।୧୧ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାଠାରେ ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ମଙ୍ଗଳବାର ନାଗ ଚତୁର୍ଥୀ ପୂଜା ପାଳିତ ହୋଇଯାଇଛି । ଏହି ଅବସରରେ ମୁନିଗୁଡ଼ାର ପାଇକସାହି, ଗୌଡ଼ସାହି, ବନଦୁର୍ଗା ମନ୍ଦିର ରାସ୍ତା, ଖମଣସାହି, ଗୋବର୍ଦ୍ଧନ, ଭୈରବଗଡ଼ ରାସ୍ତା, କୁମୁଡାବାଲି ଶିବ ମନ୍ଦିର ପ୍ରାଙ୍ଗଣ ସହ ବିଭିନ୍ନ ସ୍ଥାନରେ ଥିବା ମାଟି ହୁଙ୍କା (ବିଲା) ପାଖକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ମାନସିକଧାରୀମାନେ ସୁନା, ରୁପା, ତମ୍ବା, ପିତ୍ତଳରେ ତିଆରି ନାଗନାଗୁଣୀଙ୍କୁ ପୂଜାସ୍ଥଳରେ ଅର୍ପଣ କରିଥିଲେ। ଶେଷରେ ପୂଜା ସମ୍ପୂର୍ଣ୍ଣ ପରେ ଆଳତି କରିବା ସହ ପୂଜା କରିଥିବା ହୁଙ୍କା ମାଟିକୁ ଆଣି କାନରେ ଲଗାଇଥାନ୍ତି । ଏହାଦ୍ୱାରା ଭବିଷ୍ୟତରେ କର୍ଣ୍ଣ ରୋଗ ହୁଏ ନାହିଁ, ପରିବାରରେ କାହାରିକୁ ସର୍ପଦୋଷ ରହିବ ନାହିଁ ଏବଂ ପରିବାରରେ ସବୁବେଳେ ଏକତା ବଜାୟ ରହେ ବୋଲି ଲାଡ଼ି ଶଙ୍କର ରାଓ, ସନ୍ତୋଷ କୁମାର,ଭବାନୀ ଶଙ୍କର, ଲାଡି ସୀମାଞ୍ଚଳ, ଅଶୋକ କୁମାର, ଗୌରୀ ଶଙ୍କର, ଲାଡି ଭେଙ୍କଟ ରାବଣା, ସୀମାଞ୍ଚଳ ରାଓ, ଆନନ୍ଦ କୁମାରଙ୍କ ସମେତ ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ପ୍ରକାଶ କରିଛନ୍ତି।

# ରେଲକୋଟ୍ ରେଷ୍ଟୁରାଣ୍ଟର ନଥିପତ୍ର ଯାଞ୍ଚ

ରାୟଗଡ଼ା,୫।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପ୍ରଶାସନ ଓ ପୌର ପ୍ରଶାସନ ସୋମବାର ରାତି ପ୍ରାୟ ୧୨ଟାରେ ରେଳ ଷ୍ଟେଶନ ସମ୍ମୁଖ ୩୨୬ ନଂ ଜାତୀୟ ରାଜପଥ କଡ଼ରେ ରହିଥିବା ରେଲକୋଟ୍ ରେଷ୍ଟୁରାଣ୍ଟରେ ପହଞ୍ଚି ସମସ୍ତ ନଥିପତ୍ର ଯାଞ୍ଚ କରିଥିଲେ। ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ଟାଉନ ଥାନା ପୋଲିସ ଓ ଆରପିଏଫ ଟିମ୍ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ରେଷ୍ଟୁରାଣ୍ଟ ବାହାରେ ରହିଥିବା ୟାର୍ଡରେ ମଦ ବୋତଲ ଓ ଗ୍ଲାସରେ ମଦ ରହିଥିବା ଦେଖିବାକୁ ପାଇଥିଲେ । ରେଷ୍ଟୁରାଣ୍ଟରେ ଏହିଭଳି ବେଆଇନ ଭାବେ ମଦ୍ୟପାନ ନ କରିବା ପାଇଁ ଅଧିକାରୀମାନେ ମାଲିକଙ୍କୁ ତାଗିଦ୍ କରିବା ସହିତ ୨୪ଘଣ୍ଟା ଖୋଲା ରଖିବା ନେଇ ରେଳ କର୍ତ୍ତୃପକ୍ଷ ଦେଇଥିବା ସମସ୍ତ ନଥିପତ୍ର ଦେଖାଇବା ପାଇଁ କହିଥିଲେ । ତେବେ ନଥିପତ୍ର ପାଖରେ ନ ଥିବାରୁ ମଙ୍ଗଳବାର ପୌର କାର୍ଯ୍ୟାଳୟକୁ ଯାଇ ସେଠାରେ ସମସ୍ତ କାଗଜପତ୍ର ଦେଖାଇଥିବା ଜଣାପଡ଼ିଛି। ତେବେ ରେଳବାଇ ଜମିରେ ରହିଥିବା ଉକ୍ତ ରେଲକୋଟ୍ ରେଷ୍ଟୁରାଣ୍ଟ ନିକଟରେ ଆରପିଏଫ୍ ପକ୍ଷରୁ ପ୍ରତିଦିନ ସୁରକ୍ଷା ବ୍ୟବସ୍ଥା ରହୁ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ସାଧାରଣରେ ଅଭିଯୋଗ ହୋଇଛି । ତେଣୁ ଏଥିପ୍ରତି ଆରପିଏଫ ପୋଲିସ ଧ୍ୟାନ ଦେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି ।

# ୯ ଗ୍ରାମରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ରାୟଗଡ଼ା, ୫।୧୧ (ଆଶିଷ ରଞ୍ଜନ ପଣ୍ଡା)

**ପିପଲଗୁଡ଼ା ପଞ୍ଚାୟତରେ ନାହାନ୍ତି ଏଏନ୍ଏମ୍**

ରାୟଗଡ଼ା ଜିଲା ସଦର ବ୍ଲକ ସାନ୍ଧୁବାଡି ଉପସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ପିପଲଗୁଡା ଗ୍ରାମପଞ୍ଚାୟତରେ ଏଏନ୍ଏମ ନିଯୁକ୍ତ ହୋଇ ନ ଥିବାରୁ ୯ ଗ୍ରାମରେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସମସ୍ୟା ହେବା ସହ ଟିକାକରଣ ପ୍ରଦାନରେ ଅନେକ ଅସୁବିଧା ଉପୁଜୁଛି। ଏଏନ୍ଏମ ନିଯୁକ୍ତ ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ବାଧହୋଇ ପିପଲଗୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ୯ଟି ଗ୍ରାମର ବୀଣାଦେବୀ ପାଣି, ସବିତା କିଲାକା, ଲତା ଜିଲାକାରା, କେତକୀ ମାଣ୍ଡାଙ୍ଗି, ଦ୍ରୌପଦୀ ମାଣ୍ଡାଙ୍ଗିଙ୍କ ସମେତ ୯ଜଣ ଆଶାକର୍ମୀ ସୋମବାର ଜିଲାପାଳଙ୍କୁ ଭେଟି ଯଥାଶୀଘ୍ର ଏଏନ୍ଏମ ନିଯୁକ୍ତି କରିବାକୁ ଅନୁରୋଧ କରିଥିଲେ।

ଆଶାକର୍ମୀଙ୍କ କହିବାନୁସାରେ, ଏଏନ୍ଏମ ନ ଥିବାରୁ ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କ ସ୍ୱାସ୍ଥ୍ୟସେବା ଓ ଟିକାକରଣ ଠିକ୍ ସମୟରେ ଉପଲବ୍ଧ ହୋଇପାରୁନାହିଁ। ଏଥିସହ ଆଶାକର୍ମୀଙ୍କ ମାସିକ ରିପୋର୍ଟ ଉପଯୁକ୍ତ ଭାବରେ ଯୋଗାଯୋଗ ହେଉନାହିଁ ଓ ଗ୍ରାମବାସୀ ଠିକ୍ ସମୟରେ ଔଷଧ ପାଇପାରୁ ନ ଥିବା କହିଛନ୍ତି । ଅପରପକ୍ଷେ ପଞ୍ଚାୟତରେ ପୂର୍ବରୁ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଏଏନ୍ଏମ ନ ଥିବାରୁ ସ୍ୱାସ୍ଥ୍ୟସେବା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଥିବା ପିପଲଗୁଡା, ଜାଙ୍ଗିଲି, ବୋରିଗୁଡା, ଉହାପାକା, ଟିକରପଡା, କୋଡାପାଡୁ, ରାମଚନ୍ଦ୍ରପୁର, ରଚାପାକା ଓ ସାନସାନ୍ଧୁବାଡି ଆଦି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସରପଞ୍ଚ ରେଣୁକା ମାଣ୍ଡାଙ୍ଗି ଓ ସାମାଜିକ କର୍ମୀ ସତ୍ୟବାନ ମାଣ୍ଡାଙ୍ଗି ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବାରୁ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ କହିଛନ୍ତି।

# ନାଗ ଦେବତାଙ୍କୁ ପୂଜାର୍ଚ୍ଚନା



ଟିକିରି,୫।୧୧ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ନାଗ ଚତୁର୍ଥୀ ପାଳିତ ହୋଇଯାଇଛି। ଏହି ଅବସରରେ ତେଲୁଗୁ ସମ୍ପ୍ରଦାୟର ମହିଳା ପୁରୁଷଙ୍କ ସହ ପରିବାର ଲୋକେ ମାଟିହୁଙ୍କା ପରିସର ସଫାସୁତରା କରିବା ସହ ସେଠାରେ ଝୋଟି ପକାଇ ପୂଜାର୍ଚ୍ଚନା କରିଥିଲେ। ନାଗ ଦେବତାଙ୍କ ଉଦ୍ଦେଶ୍ୟରେ କ୍ଷୀର ଓ ବିଭିନ୍ନ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିଥିଲେ। କୁକୁଡ଼ା ଅଣ୍ଡା ଓ କଳାରାଶିକୁ ଚକଟି ସେଥିରେ ନାଗସର୍ପ ଆକୃତି କରି ହୁଙ୍କା ନିକଟରେ ରଖି ପୂଜା କରୁଥିବା ଦେଖିବାକୁ ମିଳିଥିଲା।

# ସତର୍କତା, ସଚେତନତା ସପ୍ତାହ ଉଦ୍‌ଯାପିତ

ରାୟଗଡ଼ା,୫।୧୧(ଆଶିଷ ରଞ୍ଜନ ପଣ୍ଡା)



ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଜଣେ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି ।

ରାୟଗଡ଼ାସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ସତର୍କତା ସଚେତନତା ସପ୍ତାହ-୨୦୨୪ର ଉଦ୍‌ଯାପନୀ ଉତ୍ସବ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବବିଲତା ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଶ୍ରୀନିବାସ ଆଚାରୀ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁମନ୍ତ ସାହୁ, ଅର୍ଥଶାସ୍ତ୍ର ଅଧ୍ୟାପକ ଶମ୍ଭୁ ରାଉତ ପ୍ରମୁଖ ସତର୍କତା ସଚେତନତା ସପ୍ତାହର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସପ୍ତାହବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମରେ ପୋଷ୍ଟର ତିଆରି, ସ୍ଲୋଗାନ ଲିଖନ, ବକ୍ତୃତା, ସାଧାରଣ ଜ୍ଞାନ, ରଙ୍ଗୋଲି ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ସରାଫ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସୁମନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।

# ଶ୍ରେଣୀଗୃହରେ ପିଲାଙ୍କୁ ପ୍ରଶ୍ନକଲେ ଜିଲା ଶିକ୍ଷା ଅଧିକାରୀ

ଗୁଡାରି, ୫।୧୧ (ପ୍ରମୋଦ କୁମାର ପତି)


ଜିଲା ଶିକ୍ଷା ଅଧିକାରୀ ଶ୍ରେଣୀଗୃହରେ ପିଲାଙ୍କୁ ପ୍ରଶ୍ନ ପଚାରୁଛନ୍ତି।

ରାୟଗଡ଼ା ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ଅଚାନକ ଗୁଡ଼ାରି ସରକାରୀ ହାଇସ୍କୁଲ ପରିଦର୍ଶନ କରିଥିଲେ। ଏହି ଅବସରରେ ଡିଇଓ ନାୟକ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଗୃହକୁ ଯାଇ ପିଲାଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଛାତ୍ରୀଛାତ୍ର ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିବାରୁ ସେ ସନ୍ତୋଷବ୍ୟକ୍ତ କରିଥିଲେ। ପରେ ଡିଇଓ ବିଦ୍ୟାଳୟ ପରିବେଶ ବୁଲି ଦେଖି ପ୍ରଶଂସା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଏହି ଗସ୍ତ ସମୟରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଗଡ଼ିଯାଉଥିବା ବୋଲେରୋକୁ ଅଟକାଇବାକୁ ଯାଇ ଯୁବକ ଗୁରୁତର

ଟିକିରି, ୫।୧୧(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତ ଦୋରାଗୁଡା ଥାନା ଅନ୍ତର୍ଗତ ଡିକୋରଲ ଗ୍ରାମରେ ଏକ ଦୁର୍ଘଟଣା ଘଟିଛି। ଘର ବାରଣ୍ଡାରେ ଛିଡା ହୋଇଥିବା ଏକ ବୋଲେରୋ ପଛକୁ ଗଡିଯାଉଥିବା ଦେଖି ଗାଡି ମାଲିକ ସୁନୀଲ ନାଏକ ତାକୁ ଅଟକାଇବାକୁ ଚେଷ୍ଟା କରିବା ସମୟରେ ଭାରସାମ୍ୟ ହରାଇ ଏକ ବଡ ଗାତ ଭିତରକୁ ଖସି ପଡ଼ିଥିଲେ। ଫଳରେ ସୁନୀଲ ବଲେରୋ ଭିତରେ ଚାପିହୋଇ ଗୁରୁତର ଆହତ ହୋଇଛନ୍ତି। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଉଷାପଡାସ୍ଥିତ ଉତ୍କଳ ହସ୍ପିଟାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ହେଇଥିବାରୁ ତାଙ୍କୁ କୋରାପୁଟ ସହିଦ ଲକ୍ଷଣ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଗାଁ ଶ୍ମଶାନରେ ପୂର୍ବତନ ବିଧାୟକ ପୂର୍ଣ୍ଣଙ୍କ ଶେଷକୃତ୍ୟ ସମ୍ପନ୍ନ

ଟିକିରି, ୫।୧୧(ପ୍ରଫୁଲ୍ଲ କୁମାର ବେହେରା)

କୋରାପୁଟ ଜିଲା ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କର ମଙ୍ଗଳବାର ପୈତୃକ ଗାଁ କାଶୀପୁର ବ୍ଲକ୍ କୁଚେଇପଦରରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରୁ ଆମ୍ବୁଲାନ୍ସ ଯୋଗେ ମରଶରୀର ରାୟଗଡ଼ା ଅଣାଯାଇ ଶେଷ ଦର୍ଶନ ପାଇଁ ନିଜ ଘରେ ରଖାଯାଇଥିଲା। ପରେ ତାଙ୍କ ପୈତୃକ ଗାଁ କୁଚେଇପଦର ନିଆଯାଇଥିଲା। ନବରଙ୍ଗପୁରର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, କୋରାପୁଟ ପୂର୍ବତନ ଏମ୍‌ପି ଝିନ୍ନ ହିକକା, ତାଙ୍କ ସ୍ତ୍ରୀ କୌଶଲ୍ୟା ହିକକା, ରାୟଗଡ଼ା ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷ କେତକୀ ଗମାଙ୍ଗ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ବ୍ଲକ୍ ଅଧ୍ୟକ୍ଷ କଣ୍ଟ ମାଝୀ ପ୍ରମୁଖ ଉପସ୍ଥିତ ରହି ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ଶେଷ ଦର୍ଶନ କରିଥିଲେ।


ଶେଷ ଦର୍ଶନ ପାଇଁ ଆସିଥିବା ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଓ ଅନ୍ୟମାନେ ।

ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଗତ କିଛି ମାସ ହେବ ଅସୁସ୍ଥ ହୋଇ ଏମ୍ସରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି କୋରାପୁଟ ଲୋକ ସଭା ସଦସ୍ୟ ସପ୍ତଗିରି ଶଙ୍କର ଉଲାକା, ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବରିଷ୍ଠ କଂଗ୍ରେସ ନେତା ଦୁର୍ଗା ପ୍ରସାଦ ପଣ୍ଡା, ଝୁନା ପଣ୍ଡା, ଶଙ୍କର୍ଷଣ ମଙ୍ଗରାଜ ପ୍ରମୁଖ ଏମ୍ସ ଯାଇ ଶେଷ ଦର୍ଶନ କରିଥିଲେ। ପୂର୍ଣ୍ଣ କଂଗ୍ରେସର ପୂର୍ବତନ ଟାଣୁଆ ନେତା ତଥା ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ସ୍ୱର୍ଗତ ଅନନ୍ତରାମ ମାଝୀଙ୍କ ବଡ଼ ପୁଅ। ଅନନ୍ତରାମ ମାଝୀ ମୃତ୍ୟୁବରଣ କରିବା ପରେ ଉପନିର୍ବାଚନରେ ପୂର୍ଣ୍ଣ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ବିଧାୟକ ହୋଇଥିଲେ।

# ୩୧୯ ଛାତ୍ରୀଛାତ୍ରଙ୍କୁ ପଢ଼ାଉଛନ୍ତି ୨ ଶିକ୍ଷକ

ଗୁଡ଼ାରି,୫।୧୧ (ପ୍ରମୋଦ କୁମାର ପତି)




**ମଙ୍ଗଳ ବିଭାଗର ବିକଳ ଚିତ୍ର**

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍‌ର ଶିରିଗୁଡ଼ାସ୍ଥିତ ପ୍ରାଥମିକ ସେବାଶ୍ରମରେ ମଙ୍ଗଳ ବିଭାଗର ବିକଳ ଚିତ୍ର ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୧୯ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ମାତ୍ର ୨ ଜଣ ଶିକ୍ଷକରେ ଚାଲିଛି ପାଠପଢ଼ା। ଏହାବ୍ୟତୀତ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷକ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିବା ସହ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଉଛନ୍ତି। ତେଣୁ ସପ୍ତାହରେ ଅନେକ ଦିନ ବିଭିନ୍ନ ଅଫିସ କାର୍ଯ୍ୟ ନିମନ୍ତେ ପ୍ରଧାନ ଶିକ୍ଷକ ଗୁଡ଼ାରି ବ୍ଲକ୍ କାର୍ଯ୍ୟାଳୟ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଯାଇଥାନ୍ତି। ଏହି ସବୁଦିନରେ ଜଣେ ଶିକ୍ଷୟିତ୍ରୀ ୫ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ କିଭଳି ପଢ଼ାଉଥିବେ ତାହା ସହଜେ ଅନୁମେୟ।

ଶିକ୍ଷାର ବିକାଶ ଦିଗରେ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି ବୋଲି ଡିଣ୍ଡିମ ପିଟୁଥିବା ବେଳେ ବ୍ଲକ୍ କାର୍ଯ୍ୟାଳୟଠାରୁ ମାତ୍ର ୧୦ କି.ମି. ଦୂରରେ ଥିବା ୬୯ ବର୍ଷୀୟ ପୁରାତନ ସେବାଶ୍ରମ ପ୍ରତି ପ୍ରଶାସନର ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟଜନକ। ଶିକ୍ଷା ବିଭାଗର ନିୟମ ଅନୁଯାୟୀ ପ୍ରତି ୩୦ପିଲାଙ୍କ ନିମନ୍ତେ ଜଣେ ଶିକ୍ଷକ ନିଯୁକ୍ତି ହେବା କଥା, କିନ୍ତୁ ଶିରିଗୁଡ଼ାସ୍ଥିତ ପ୍ରାଥମିକ ସେବାଶ୍ରମରେ ୩୧୯ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ନିମନ୍ତେ ରହିଛନ୍ତି ୨ ଶିକ୍ଷକ। ୨୮୦ ଜଣ ହଷ୍ଟେଲରେ ରହି ପଢୁଛନ୍ତି। ପ୍ରଥମ ଶ୍ରେଣୀରେ ୫୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୬୫ ଜଣ, ତୃତୀୟ ଶ୍ରେଣୀରେ ୮୦ ଜଣ, ଚତୁର୍ଥରେ ୬୩ ଜଣ ଓ ପଞ୍ଚମ ଶ୍ରେଣୀରେ ୫୫ ଜଣ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ଯେଉଁଦିନ ପ୍ରଧାନ ଶିକ୍ଷକ ଅଫିସ କାର୍ଯ୍ୟରେ ବାହାରକୁ ଯାଉଛନ୍ତି, ଜଣେ ଶିକ୍ଷୟିତ୍ରୀଙ୍କ ଭରସାରେ ୩୧୯ ଜଣ ପିଲାଙ୍କ ଭବିଷ୍ୟତ ନ୍ୟସ୍ତ ରହୁଛି। ଏହି ବିଦ୍ୟାଳୟରେ 'ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ' କାର୍ଯ୍ୟକ୍ରମ ଠିକ୍ ଭାବେ ଚାଲୁ ହେଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ବିଭାଗ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳ କହିଛନ୍ତି, ଚଳିତ ମାସ ସୁଦ୍ଧା ଜଣେ ଅତିଥି ଶିକ୍ଷକଙ୍କୁ ସେଠାରେ ନିଯୁକ୍ତି ଦେବା ପାଇଁ ଚେଷ୍ଟା କରିବେ।

**ସଂକ୍ଷେପରେ**

## ନିଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର,୫।୧୧(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡ଼ା ଜଙ୍ଗଲରେ ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇଛି। ବ୍ୟବସାୟୀମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିବା ସହ ସେଠାରୁ ଫେରାର ହୋଇଥିଲେ। ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗି ୫୦ ଲିଟର ଦେଶୀ ମଦ ଓ ୫ ଶହ ଲିଟର ପୋଚ ଜବତକରି ନଷ୍ଟ କରିଛି। ମଦରନ୍ଧା ସରଞ୍ଜାମ ଓ ଡ୍ରମ୍ ଆଦିକୁ ଜବତ କରିଥିବା ଜୟପୁର ଅବକାରୀ ଥାନା ତରଫରୁ ସୂଚନା ଦିଆଯାଇଛି।

## ମହିଳାଙ୍କୁ ନିର୍ଯାତନା, ଥାନାରେ ଅଭିଯୋଗ

ଜୟପୁର,୫।୧୧(ପବନ ପାଣିଗ୍ରାହୀ)

ମହିଳାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। କୁଟ୍ଟୁମୁଲୁଗୁମ୍ମାର ରଶ୍ମିତା ନାୟକ ୨୦୧୩ରେ ନବରଙ୍ଗପୁର ଜିଲା ଖାତିଗୁଡ଼ା ଅଞ୍ଚଳର କାମଦେବ ନାୟକଙ୍କୁ ବିବାହ କରିଥିଲେ। ସ୍ୱାମୀ କାମଦେବ ରଶ୍ମିତାଙ୍କୁ ଶାରିରୀକ ମାନସିକ ସହ ଯୌତୁକ ନିର୍ଯତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସ୍ୱାମୀ ଓ ପରିବାର ଲୋକଙ୍କ ନାମରେ ୧୯୩/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବସ୍-ବାଇକ୍ ମୁହାଁମୁହିଁ, ଜଣେ ମୃତ

ଜଗନ୍ନାଥପ୍ରସାଦ,୫।୧୧
(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ଥାନା ଅଧୀନ ଛାମୁଣ୍ଡା ବ୍ରିଜ ନିକଟରେ ମଙ୍ଗଳବାର ଏକ ଘରୋଇ ବସ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛାମୁଣ୍ଡା ଗ୍ରାମର ମହେନ୍ଦ୍ର ପ୍ରଧାନ (୪୧)। ମହେନ୍ଦ୍ର ବାଇକ (ନଂ.ଓଡି୩୩ୱାଇ୧୬୮୦)ରେ ଜଗନ୍ନାଥପ୍ରସାଦରୁ ନିଜ ଗ୍ରାମ ଛାମୁଣ୍ଡାକୁ ଫେରୁଥିବା ବେଳେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ରଘୁନାଥ ନାମକ ବସ (ନଂ. ଓଡି୦୭ଏଏ୧୯୦୭) ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଗୁରୁତର ଅବସ୍ଥାରେ ମହେନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିଛି ସମୟ ଚିକିତ୍ସା ପରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ପରେ ସମ୍ପୃକ୍ତ ବସର ଡ୍ରାଇଭର ଥାନାରେ ଆତ୍ମସମର୍ପଣ କରିଛନ୍ତି। ଏ ନେଇ ଜଗନ୍ନାଥପ୍ରସାଦ ଥାନାରେ ନଂ. ୪୪୨/୨୪ରେ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

## ଥାନା ଆଗରେ କ୍ଷୀର ବ୍ୟବସାୟୀଙ୍କୁ ଆକ୍ରମଣ

ଭଞ୍ଜନଗର,୫।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ସମ୍ମୁଖରେ ମଙ୍ଗଳବାର ଜଣେ କ୍ଷୀର ବ୍ୟବସାୟୀଙ୍କୁ ଆକ୍ରମଣ ହୋଇଛି। ସେ ହେଲେ ତୁଟୁଆର ବିପ୍ର ଗୌଡ। ଅଭିଯୁକ୍ତ ଗାଳେରିର ବିଦୁର ଗୌଡଙ୍କୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ଏକ କାତି ଜବତ ହୋଇଛି। ପ୍ରକାଶ ଯେ, ବିପ୍ର ବୁଲି ବୁଲି କ୍ଷୀର ବିକ୍ରି କରିବା ପରେ ଥାନା ସମ୍ମୁଖରେ ଜଣଙ୍କ ସହ କଥା ହେଉଥିଲେ। ଏହି ସମୟରେ ବିଦୂର ଆସି ତାଙ୍କୁ ଗୋଟିଏ ଗାଈ କିଣାଇ ଦେବାପାଇଁ କହିଥିଲେ। ଏହାପରେ ସେ ଏକ କାତି ବାହାର କରି ବିପ୍ରଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଥିବା ଲୋକେ ହୋହଲ୍ଲା କରିବାରୁ ସେ ପଳାଇଥିଲେ। ବିପ୍ର ଥାନା ଭିତରକୁ ଦୌଡ଼ି ପଳାଇଥିଲେ। ଏହାପରେ ପୋଲିସ ବିଦୂରଙ୍କୁ କାବୁ କରିଥିଲା।

## ମଦ ବନ୍ଦ ପାଇଁ ଅଣ୍ଟାଭିଡ଼ିଲେ ମହିଳା

ଜି.ଉଦୟଗିରି,୫।୧୧(ଚିନ୍ମୟକୁମାରସେଠୀ)

କନ୍ଧମାଳ ଜିଲା ଜି. ଉଦୟଗିରି କକଟୀ ପଦାସାହିର ଉଦୟ ଜ୍ୟୋତି ମହିଳା ମହାସଂଘ ମଦ ବିରୋଧୀ ଆନ୍ଦୋଳନକୁ ଜୋରଦାର କରିଛି। ସଂଘ ସଭ୍ୟମାନେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ ମଦ ପ୍ରସ୍ତୁତ ହେଉଥିବା ସ୍ଥାନରୁ ୭ ବ୍ୟାରେଲ ପୋଚ ସହ ୧୩ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛନ୍ତି। ପୂର୍ବରୁ ମହିଳାମାନେ ଅଞ୍ଚଳରେ ଦେଶୀ ମଦ ବିକ୍ରି ବନ୍ଦ କରିବାକୁ ଚେତାବନୀ ଦେଇଥିବା ବେଳେ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

# ‘ଚାପ ପକାଇବା ବନ୍ଦ ନ କଲେ ଦିଆଯିବନି ଜିଏସ୍‌ଟି’

**ସୁନା ବେପାରୀ ମୃତ୍ୟୁ ଘଟଣା**

ଜୟପୁର,୫।୧୧(ପବନ ପାଣିଗ୍ରାହୀ)



ଚାମ୍ବର ଅଫ କମର୍ସ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଉଛି।

ଜୟପୁର ସହର ସୁନା ବ୍ୟବସାୟୀ ପି. ହରିପ୍ରସାଦଙ୍କ ମୃତ୍ୟୁ ଘଟଣାକୁ ନେଇ ବେଦିକାରେ ଚାମ୍ବର ଅଫ କମର୍ସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଆଗାମୀ ଦିନରେ ଯଦି ସରକାର ବ୍ୟବସାୟୀଙ୍କ ଉପରେ ଚାପ ପକାଇବାରୁ ନିବୃତ ନ ରହିଲେ ଜିଏସ୍‌ଟି ଟଙ୍କା ଦେବା ବନ୍ଦ କରିବା ସହ ସମସ୍ତ ଟ୍ରେଡ ଲାଇସେନ୍ସ ଫେରେଇଦେବୁ ବୋଲି ରାଜ୍ୟ ବ୍ୟବସାୟୀ ସଂଘ ସାଧାରଣ ସମ୍ପାଦକ ସୁଦାକର ପଣ୍ଡା ଚେତାବନୀ ଦେଇଛନ୍ତି। ସୁନା ବ୍ୟବସାୟୀ ପି. ହରିପ୍ରସାଦଙ୍କ ମୃତ୍ୟୁ ଘଟଣାକୁ ଦୁଃଖ ପ୍ରକାଶ କରିବା ସହ ଚଢ଼ାଉରେ କରିଥିବା ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ ଏବଂ ଅପରାଧିକ ମାମଲା ରୁଜୁ ପାଇଁ ଦାବି କରିଛନ୍ତି। ଏଥିରେ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ବ୍ୟବସାୟୀ ସଂଘ ଯୋଗ ଦେଇଥିଲେ। ଜିଏସ୍‌ଟି ଲାଗୁ ହେବା ପରେ କୋଟି କୋଟି ଟଙ୍କାର ରାଜସ୍ୱ ସରକାର ପାଉଛନ୍ତି। କିନ୍ତୁ ବ୍ୟବସାୟୀଙ୍କ ଉପରେ ବେଶ ଆର୍ଥିକ ଚାପ ପ୍ରୟୋଗ କରି ଜିଏସ୍‌ଟି ଆଦାୟ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ରାଜ୍ୟ ମହାସଂଘ ଏବଂ ସିଏଆଇଟି ପକ୍ଷରୁ ମିଳିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ବ୍ୟବସାୟଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ ଅସନ୍ତୋଷ ଦେଖା ଦେଇଥିଲା। ତେଣୁ ରାଜ୍ୟର ଛୋଟ ଏବଂ ମଧ୍ୟମ ବ୍ୟବସାୟୀଙ୍କ ଉପରେ ନିର୍ଯାତନା ଜାରି ରହିଲେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କୁ ସହଯୋଗ କରିବାରେ ବ୍ୟବସାୟୀ ସଂଘ ବିରତ ରହିବ ବୋଲି ସମ୍ପାଦକ ପଣ୍ଡା ଚେତାବନୀ ଦେଇଛନ୍ତି। ଏହି ମାମଲାକୁ ନେଇ ରାଜ୍ୟ ମହାସଂଘ ପକ୍ଷରୁ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସରକାର ନିର୍ବାଚନୀ ଘୋଷଣାପତ୍ରରେ ବ୍ୟବସାୟୀଙ୍କ ଉନ୍ନତି ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ କିନ୍ତୁ ବ୍ୟବସାୟୀମାନଙ୍କୁ ବିଶ୍ୱାସଘାତ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ବୈଠକରେ ସିଏଆଇଟିର ଜାତୀୟ ଆବାହକ ବ୍ରିଜମୋହନ ଅଗ୍ରୱାଲ, ରାଜ୍ୟ ଆବାହକ ଜିତେନ୍ଦ୍ର ଗୁପ୍ତା, ମହାସଂଘର ବରିଷ୍ଠ ସଦସ୍ୟ ଆର.କେ.ଶୁକ୍ଲା, ଜୟପୁର ବଣିକ ସଂଘର ସଭାପତି ଭି. ପ୍ରଭାକର, ସମ୍ପାଦକ ଡି. ମାଧବା, ଉପସଭାପତି ଏ. ଶ୍ରୀନିବାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜୟପୁର, ମାଲକାନଗିରି, ବୋରିଗୁମ୍ମା, ନବରଙ୍ଗପୁର, ଉମରକୋଟ, ସେମିଳିଗୁଡା ଓ କୋଟପାଡ ବଣିକ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗଙ୍କୁ ୩୫ କେଜି ଚାଉଳ ପ୍ରଦାନ ଦାବି

ଜୟପୁର,୫।୧୧(ପବନ ପାଣିଗ୍ରାହୀ)

ଜୟପୁର ସହରର ଦିବ୍ୟାଙ୍ଗମାନଙ୍କୁ ଅନ୍ତୋଦୟ ଅନ୍ନ ଯୋଜନା(ଏଏୱାଇ)ରେ ସାମିଲ କରି ମାସିକ ୩୫ କିଲୋଗ୍ରାମ ଚାଉଳ ଦେବା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ଜୟପୁର ଦିବ୍ୟାଙ୍ଗମାନଙ୍କ ପକ୍ଷରୁ ପୌର ପରିଷଦର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ଉପ ଜିଲାପାଳ ଆକ୍କାବରମ ଶସ୍ୟା ରେଡ୍ଡୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସହରରେ ୩ ଶହରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ପଞ୍ଜୀକୃତ ହୋଇଛନ୍ତି। କିନ୍ତୁ ହାତଗଣତି କେତେକ ଦିବ୍ୟାଙ୍ଗଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିବା ବେଳେ ବଳକା ବ୍ୟକ୍ତିଙ୍କୁ ମାସିକ ମାତ୍ର ୫ କିଲୋଗ୍ରାମ ଚାଉଳ ପ୍ରଦାନ କରାଯାଉଛି। ତେଣୁ ସମସ୍ତ ଦିବ୍ୟାଙ୍ଗଙ୍କୁ ଯୋଜନାରେ ସାମିଲ କରିବାକୁ ଦାବି ହୋଇଛି। ଏଥିରେ ପୁରୁଷୋତ୍ତମ ବଳ, ଜଗନ୍ନାଥ ପଟ୍ଟନାୟକ, ସାକିନା ବେଗମ, ଖ୍ରୀଷ୍ଟ ମୋହିନୀ ନାୟକ, ମନୋଜ ନାୟକ, ରଞ୍ଜନ ନାୟକ, ବବିନା ବାଘ ଓ ରାଜ ଅଭିଷେକ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ସୁରକ୍ଷାରେ ଆଧ୍ୟାତ୍ମିକତାର ଭୂମିକା ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଉପସ୍ଥିତ ବକ୍ତାମାନେ ।

କୋରାପୁଟ,୫।୧୧(ଅମିତାଭ ବେହେରା)

କୋରାପୁଟସ୍ଥିତ ଶାବଣ ଶ୍ରୀକ୍ଷେତ୍ର ମଖିବେଢ଼ାରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆମ ସ୍ୱାସ୍ଥ୍ୟ ସୁରକ୍ଷାରେ ଆଧ୍ୟାତ୍ମିକତାର ଭୂମିକା ଶୀର୍ଷକକୁ ନେଇ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଜଗବନ୍ଧୁ ସାମଲଙ୍କ ତତ୍ତ୍ୱାବଧାନରେ ପୂର୍ବତନ ଭୁବନେଶ୍ୱର ଏମ୍‌ସ ନିର୍ଦ୍ଦେଶକ ତଥା ସୋଆ ବିଶ୍ୱବିଦ୍ୟାଳୟର ଉପଦେଷ୍ଟା ଡ. ଅଶୋକ କୁମାର ମହାପାତ୍ର ଯୋଗଦେଇ ଆମ ସ୍ୱାସ୍ଥ୍ୟ ସୁରକ୍ଷାରେ ଆଧ୍ୟାତ୍ମିକତାର ଭୂମିକା ଉପରେ କହିଥିଲେ। ପ୍ରତ୍ୟେକ ମଣିଷ ଦୈନିକ ଯୋଗ ସହ ପୁରାଣ ଓ ଆଧ୍ୟାତ୍ମିକ ସମ୍ପର୍କିତ ବହି ପାଠ କରିବା ଏବଂ ଆଧ୍ୟାତ୍ମିକତା ଉପରେ ଆୟୋଜିତ ବିଭିନ୍ନ ଆଲୋଚନାଚକ୍ରରେ ସାମିଲହେବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ବରିଷ୍ଠ ସଦସ୍ୟ ଡ. ରମାକାନ୍ତ ମିଶ୍ର ଓ ଅଧ୍ୟାପିକା ଡ. ପ୍ରୀତିଧାରା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# କୋରାପୁଟରେ ଶୀତ ଆରମ୍ଭ, ୧୯ ଡିଗ୍ରୀକୁ ଖସିଲା ପାରଦ


କୋରାପୁଟ ୨୬ ନଂ ରାଜପଥରେ ମଙ୍ଗଳବାର ସକାଳ ୮ଟା ବେଳକୁ କୁହୁଡ଼ିର ଘନ ଆସ୍ତରଣ।

କୋରାପୁଟ,୫।୧୧
(ଅମିତାଭ ବେହେରା)

କୋରାପୁଟରେ ୨ ଦିନ ହେବ ପ୍ରବଳ ଶୀତ ଅନୁଭୂତ ହେଉଛି। ମଙ୍ଗଳବାର ଜିଲାରେ ସର୍ବନିମ୍ନ ୧୯.୬ ଓ ସର୍ବାଧିକ ୩୦ ଡିଗ୍ରି ତାପମାତ୍ରା ରହିଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ନଭେମ୍ବର ପ୍ରଥମ ସପ୍ତାହରୁ କୁହୁଡି ସାଙ୍ଗକୁ କୋହଲା ପାଗ ଶୀତର ପ୍ରକୋପକୁ ଦ୍ୱିଗୁଣିତ କରିଛି। ବିଶେଷ କରି ପଟାଙ୍ଗି, ଲକ୍ଷ୍ମୀପୁର, ନନ୍ଦପୁର, ଲମତାପୁଟ, ବୈପାରିଗୁଡ଼ା, କୋରାପୁଟ, ଦଶମନ୍ତପୁର ଓ ସେମିଳିଗୁଡ଼ା ଅଞ୍ଚଳରେ ଅଧିକ ଶୀତ ଅନୁଭୂତ ହେଉଛି। ଘନ କୁହୁଡ଼ିର ଆସ୍ତରଣ ଯୋଗୁ ପ୍ରାୟ ୧୫ ଫୁଟ ପର୍ଯ୍ୟନ୍ତ ଯାନବାହାନ ଦୃଶ୍ୟ ହେଉନାହିଁ। ଜିଲା ସୀମାନ୍ତ ସୁଙ୍କି ଓ ଜୟପୁରର ଅଣଓସାରିଆ ଘାଟି ରାସ୍ତାରେ ଡ୍ରାଇଭରମାନେ ଧୀରେଧୀରେ ଗାଡ଼ି ଚଲାଉଥିବାବେଳେ ସ୍ଥାନେ ସ୍ଥାନେ ଗାଡ଼ିଗୁଡିକ ଅଟକି ରହିଛନ୍ତି। ଶୀତରୁ ବର୍ତ୍ତିବା ପାଇଁ ଲୋକେ ନିଆଁ ପାଖରେ ବସୁଥିବାବେଳେ ଚା ଓ କଫି ଦୋକାନରେ ମଧ୍ୟ ଭିଡ଼ ଜମାଉଛନ୍ତି। ଶୀତର ବଢ଼ିବାରୁ ଏବେ ଶୀତବସ୍ତ୍ର ବେପାର ମଧ୍ୟ ବଢ଼ିବାରେ ଲାଗିଛି। ଜିଲାର ଭୌଗଳିକ ଚିତ୍ରରୁ ନାରାୟଣପାଟଣା ଓ ବନ୍ଧୁଗାଁ ଅଞ୍ଚଳକୁ ବାଦଦେଲେ ଅନ୍ୟ ସବୁ ସ୍ଥାନରେ ନଭେମ୍ବର ତୃତୀୟ ସପ୍ତାହରୁ ଥଣ୍ଡା ଅନୁଭୂତ ହୁଏ। ଚଳିତ ବର୍ଷ ନଭେମ୍ବର ପ୍ରଥମ ସପ୍ତାହରୁ ଶୀତର ପ୍ରକୋପ ଦେଖାଦେଇଛି। ଆଗକୁ ଜିଲାରେ ଶୀତର ପ୍ରଭାବ ଅଧିକ ହେବ ବୋଲି ଆଶା କରାଯାଉଛି।

## ଯୁବକଙ୍କୁ ଖଣ୍ଡାରେ ହାଣିବା ଘଟଣା, ଜେଲଗଲେ ସରପଞ୍ଚଙ୍କ ଶ୍ୱଶୁର

ପୁରୁଷୋତ୍ତମପୁର,୫।୧୧(ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ସୋମବାର ରାତିରେ ଗାଁ ଦାଣ୍ଡରେ ସୁଶାନ୍ତ ବେହେରାଙ୍କୁ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରାଯାଇଥିଲା। ସେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ପୋଲିସ ଶିକୁଳା ସରପଞ୍ଚଙ୍କ ଶ୍ୱଶୁର ତ୍ରିନାଥ ବେହେରାଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଚିକିତ୍ସା ବେଳେ ସୁଶାନ୍ତ ସରପଞ୍ଚଙ୍କ ସ୍ୱାମୀ ଦିବାକର ବେହେରାଙ୍କ ସମେତ କେତେଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିବା ପୋଲିସ ଆଗରେ କହିଥିଲେ। ସୁଶାନ୍ତଙ୍କ ସ୍ତ୍ରୀ ତନ୍ମୟା ବେହେରା ଏ ନେଇ ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ଶିକୁଳା ଗ୍ରାମରେ ବାରମ୍ବାର ହିଂସାକାଣ୍ଡ ଘଟିବାରେ ଲାଗିଥିବାରୁ ପୁରୁଷୋତ୍ତମପୁର ଏସଡିପିଓ ରଜନୀକାନ୍ତ ସାମଲ ଘଟଣାକୁ ଗୁରୁତ୍ୱର ସହ ନେଇ ଅଭିଯୁକ୍ତମାନଙ୍କୁ ଧରିବାଲାଗି ୨ଟି ସ୍ୱତନ୍ତ୍ର ଟିମ ଗଠନ କରି ନିଜେ ଏହାର ମନିଟରିଂ କରୁଛନ୍ତି। ଏପରିକି ତଦନ୍ତ ବେଳେ ସରପଞ୍ଚଙ୍କ ଶ୍ୱଶୁରଙ୍କ ମଧ୍ୟ ସମ୍ପୃକ୍ତି ଥିବାନେଇ ତାଙ୍କୁ ଗିରଫ କରାଯାଇଥିବା ତଦନ୍ତକାରୀ ଅଫିସର ଆଦିତ୍ୟ ନାରାୟଣ ପାତ୍ର କହିଛନ୍ତି।

## ଅଣ୍ଡା,କ୍ଷୀର ରଖି ନାଗପୂଜା

ପାରଳାଖେମୁଣ୍ଡି, ୫।୧୧(ଗିରିଧାରୀ ପରିଚ୍ଛା)

କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଥୀରେ ନାଗ ଚତୁର୍ଥୀ ପାଳନ କରାଯାଇଛି। ପାରଳାଖେମୁଣ୍ଡି ସହରରେ ଉଭୟ ଓଡ଼ିଆ ଓ ତେଲୁଗୁ ଭାଷାଭାଷୀ ଲୋକେ ଏହି ପର୍ବ ପାଳିଛନ୍ତି। ସକାଳୁ ବିଶେଷକରି ମହିଳାମାନେ ନୂଆବସ୍ତ୍ର ପରିଧାନ କରି ଶିବ ମନ୍ଦିର ଏବଂ ବିଭିନ୍ନ ସ୍ଥାନରେ ଥିବା ମାଟିହୁଙ୍କା ବା ସର୍ପବିଲା ନିକଟରେ ଅଣ୍ଡା, କ୍ଷୀର, ହଳଦୀ, ଫୁଲ, କାକରା, ନାଗ ନାଗୁଣୀ ଆକୃତିର ପିଠା ଆଦି ରଖି ପୂଜା କରିଛନ୍ତି। ଏହି ପୂଜା କରିବା ଦ୍ୱାରା ବିଭିନ୍ନ ବ୍ୟାଧି ନାଶ ହେବା ସହ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

# ଆଧ୍ୟାତ୍ମିକ ଚେତନା ଜୀବନରେ ଶାନ୍ତି,ଆନନ୍ଦ ଆଣେ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦର ସାରସ୍ୱତ ସନ୍ଧ୍ୟା**

ସୁନାବେଢ଼ା/ସେମିଳିଗୁଡ଼ା,୫।୧୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଏକ ସାରସ୍ୱତ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋଆ ବିଶ୍ୱବିଦ୍ୟାଳୟର ମୁଖ୍ୟ ପରାମର୍ଶଦାତା ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦେଇ ଆଧ୍ୟାତ୍ମିକ ଜୀବନ ଯାପନ ଦ୍ୱାରା ମଣିଷ ଜୀବନରେ ଶାନ୍ତି ଓ ଆନନ୍ଦ ଉପଲବ୍ଧ କରିବା ସହ ସମାଜର ମଙ୍ଗଳ ହୋଇପାରିବ ବୋଲି କହିଥିଲେ। ରମାକାନ୍ତ ମିଶ୍ର ଓ ସେମିଳିଗୁଡ଼ା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଉପସ୍ଥିତ ଥିବା ବେଳେ ବାଇଧର ନାୟକଙ୍କ ରଚିତ ପିଲାଙ୍କ ମହାଭାରତ ଉନ୍ମୋଚିତ ହୋଇଥିଲା। ଆତ୍ମବିଶ୍ୱାସ,ଈଶ୍ୱର ବିଶ୍ୱାସ ଓ କଠିନ ପରିଶ୍ରମ ସଫଳତାର ଚାବିକାଠି ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ଜଳେନ୍ଦ୍ର ତ୍ରିପାଠୀ, ଲୋକନାଥ ଆଚାର୍ଯ୍ୟ, ଆଞ୍ଜୁଲତା ଆଚାର୍ଯ୍ୟ, ଅମ୍ବିକା ତ୍ରିପାଠୀ, ରାଜକୁମାର ପଣ୍ଡା ଓ ଭବାନୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି

ବୈପାରିଗୁଡ଼ା,୫।୧୧
(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ୍ ସଭାଗୃହରେ ଏକ ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ଦ୍ୱାରା ମୋଟ ୯୨ ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିରୁ ୭୨ ଗୋଷ୍ଠୀଗତ ଓ ୨୦ ବ୍ୟକ୍ତିଗତ ଅଭିଯୋଗ ଥିଲା। ଜିଲାପାଳଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଏସ୍‌ପି ରୋହିତ ବର୍ମା,ଉପଜିଲାପାଳ ଆକବରମ୍ ଶସ୍ୟା ରେଡ୍ଡୀ,ସିଡିଓ ଦେବାଶିଷ ପଟ୍ଟନାୟକ,ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରବିନାରାୟଣ ମିଶ୍ର ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିବେଦିତା ଦଣ୍ଡସେନା, ତହସିଲଦାର ଜ୍ୟୋସ୍ନାରାଣୀ ଚୌଧୁରୀ ଓ ଥାନା ଅଧିକାରୀ ଦିବାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କ ଦ୍ୱାରା ବୈପାରିଗୁଡ଼ାଠାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ।

# ଦେଓମାଳିରେ ହେବ ଉଦ୍‌ଯାପନୀ ଉତ୍ସବ

**ବ୍ଲକ୍‌ସ୍ତରୀୟ ପରବ ପ୍ରସ୍ତୁତି ବୈଠକ**

ପଟ୍ଟାଙ୍ଗି,୫।୧୧(ଶରତ ଧଳ)


ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ବ୍ଲକସ୍ତରୀୟ ପରବ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପରବକୁ ନେଇ ସମସ୍ତ ବ୍ଲକସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଉତ୍ସବ ପଞ୍ଚାୟତସ୍ତରରେ ହେବା ନେଇ ପ୍ରସ୍ତୁତି ବୈଠକ ହୋଇଛି। ଏଥିରେ ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି, ଉପାଧକ୍ଷ ତ୍ରିନାଥ କଟା, ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ଜୋନ ୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜୋନ ୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ପୂର୍ବତନ ବ୍ଲକ ଅଧକ୍ଷ ଜଗତ ଜ୍ୟୋତି ପାଙ୍ଗି, ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, ବ୍ଲକର ସମସ୍ତ ସରପଞ୍ଚ, ବ୍ଲକସ୍ତରୀୟ ସରକାରୀ ଅଧିକାରୀ ଏବଂ ବୁଦ୍ଧିଜୀବି ଉପସ୍ଥିତ ଥିଲେ। ଚଳିତ ମାସ ୧୫ ସୁଦ୍ଧା ପଞ୍ଚାୟତସ୍ତରୀୟ ପରବ ଉତ୍ସବ ସାରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଥିବା ପ୍ରସ୍ତାବ ଉଠିଥିଲା। ପ୍ରସ୍ତାବକୁ ଦୃଷ୍ଟିରେ ନିଜ ପଞ୍ଚାୟତରେ ପରବ ପାଳନ କରିବା ସହ ପ୍ରତିଯୋଗୀମାନେ ବ୍ଲକସ୍ତରୀୟକୁ ଆସିବା ନେଇ ସରପଞ୍ଚ ସହମତି ପ୍ରକାଶ କରିଥିଲେ। ସେହିପରି ୨୫ ତାରିଖ ସୁଦ୍ଧା ବ୍ଲକସ୍ତରୀୟ ପରବ ସାରିବା ପାଇଁ ଜିଲାସ୍ତରରେ ନିର୍ଦ୍ଦେଶ ଥିବା ବେଳେ ଉକ୍ତ ନିର୍ଦ୍ଦେଶ ଅନୁଯାୟୀ ନଭେମ୍ବର ୨୨ ଓ ୨୩ରେ ସ୍ଥାନୀୟ ଜନସାଧାରଣ ଓ ପ୍ରତିଯୋଗୀଙ୍କୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ପରବ ପାଳନ କରିବା ପାଇଁ ବିଡ଼ିଓ ପଟ୍ଟନାୟକ କହିଥିଲେ। ଏହାସହ ବ୍ଲକସ୍ତରୀୟ ପରବ ଉଦଘାଟନୀ ଉତ୍ସବ ସ୍ଥାନୀୟ ମିନି ଷ୍ଟାଡିୟମରେ ଏବଂ ଉଦଯାପନୀ ଉତ୍ସବ ଦେଓମାଳି ଉତ୍ସବ ନାମରେ ଦେଓମାଳି ପର୍ଯ୍ୟଟନସ୍ଥଳୀରେ କରିବା ନେଇ ବିଡିଓ ପଟ୍ଟନାୟକ ପ୍ରସ୍ତାବ ରଖିଥିବା ବଳେ ସମସ୍ତେ ଏହାକୁ ସମର୍ଥନ କରିଥିଲେ। ଉଦଯାପନୀ ଉତ୍ସବ ପର୍ଯ୍ୟଟନସ୍ଥଳୀରେ ହେବା ସହ ବ୍ଲକସ୍ତରୀୟ ପରବରେ ଜିଲାସ୍ତରୀୟ ପରବକୁ କୃତିତ୍ୱ ହୋଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଦେଓମାଳି ପରବ ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରିବା ପାଇଁ ବ୍ୟବସ୍ଥା କରାଯିବ। ଦୁଇଦିନିଆ ବ୍ଲକସ୍ତରୀୟ ପରବ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ, ଜିଲାସ୍ତର ପର୍ଯ୍ୟନ୍ତ ଭାଇଚାରା ରହିବା ପରବର ମୂଳ ଲକ୍ଷ୍ୟ ବୋଲି ପୂର୍ବତନ ବିଧାୟକ ପାଙ୍ଗି ପ୍ରକାଶ କରିଥିଲେ।

**ସଂକ୍ଷେପରେ**

## ଏନ୍‌ଆର୍‌ଟିଏସ୍ ବୃତ୍ତି ପରୀକ୍ଷା

ଡାବୁଗାଁ, ୫।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଅଧୀନ ସରକାରୀ (ଏସ୍‌ଏସ୍‌ଡି) ବାଳିକା ଉଚ୍ଚ ବିଦ୍ୟାଳୟରେ ଏନ୍‌ଆର୍‌ଟିଏସ୍ ବୃତ୍ତି ପରୀକ୍ଷା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୨ ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ୪୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩ ଜଣ ଅନୁପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାସ ପରୀକ୍ଷାକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଓ ପର୍ଯ୍ୟବେକ୍ଷକଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଭଗବାନ ମାଝି ଉପସ୍ଥିତ ଥିଲେ।

## ମାଥିଲି ପ୍ରାଥମିକ ବିଦ୍ୟାଳୟରୁ ଚୋରି, ଥାନାରେ ଅଭିଯୋଗ



ମାଲକାନଗିରି, ୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଥିଲି ତଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଥିବା ଥାନାରେ ହୋଇଛି। ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି, ମଙ୍ଗଳବାର ସକାଳେ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ନାୟକ ଷ୍ଟୋର ରୁମର ତାଲା ଭାଙ୍ଗି ପଡିଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ବିଦ୍ୟାଳୟ ଅନ୍ୟ ଶିକ୍ଷକ ଓ କର୍ମଚାରୀଙ୍କ ଉପସ୍ଥିତିରେ ସମସ୍ତ ସାମଗ୍ରୀ ଯାଞ୍ଚ କରିବା ପରେ ଷ୍ଟୋର ରୁମ୍‌ରୁ ଦୁଇଟି ଗ୍ୟାସ ସିଲିଣ୍ଡର ଓ ଗୋଟିଏ ଗ୍ୟାସ ଚୁଲା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ମାଥିଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ମାଥିଲି ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ମଧ୍ୟ ଅବଗତ କରାଇଛନ୍ତି।

## ବସ-ବାଇକ୍ ଧକ୍କା: ଜଣେ ମୃତ

ପୋଲସରା, ୫।୧୧ (ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ଗମ୍ଭାରିଆ ନାଳ ନିକଟରେ ମଙ୍ଗଳବାର ବସ୍ ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବାଇକ୍ ଚାଳକ ବେରୁନିଆପଡ଼ା ଥାନା ଅନ୍ତର୍ଗତ ବଡ଼ପଦର ଗ୍ରାମର ବିନାୟକ ଶବର। ଅପରାହ୍ନରେ ବିନାୟକ ଓ ଅନ୍ୟ ୨ ଜଣ ବାଇକରେ ସିଂହାସନୀ ପଟରୁ ଆସୁଥିଲେ। ଏହି ସମୟରେ ପୋଲସରାରୁ ସିଂହାସନୀ ଅଭିମୁଖେ ଯାଉଥିବା ଲକ୍ଷ୍ମୀ ବସ ଗମ୍ଭାରିଆ ନାଳ ନିକଟରେ ବାଇକ୍ ସହ ମୁହାଁମୁହିଁ ହେବାରୁ ବିନାୟକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା।

# ଚାକିରି ନିୟମିତ କରିବାକୁ ଦାବିପତ୍ର

### ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲେ ଗୋଷ୍ଠୀ ସମ୍ବଳ ଶିକ୍ଷକ

ନବରଙ୍ଗପୁର, ୫।୧୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସର୍କିଟ ହାଉସରେ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଗୋଷ୍ଠୀ ସମ୍ବଳ ଶିକ୍ଷକମାନେ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଚାକିରି ନିୟମିତ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଗୋଷ୍ଠୀ ସମ୍ବଳ ଶିକ୍ଷକଙ୍କ ଦାବିକୁ ସମର୍ଥନ ଜଣାଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି।

ଗୋଷ୍ଠୀ ସମ୍ବଳ ଶିକ୍ଷକମାନେ ଦୀର୍ଘ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ୱଳ୍ପ ବେତନରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାକିରୀ କରୁଥିଲେ ହେଁ ରାଜ୍ୟ ସରକାର ସେମାନଙ୍କ ନ୍ୟାର୍ଯ୍ୟ ଦାବିକୁ ଅଣଦେଖା କରିଚାଲିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗୋଷ୍ଠୀ ସମ୍ବଳ ଶିକ୍ଷକମାନେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ, ବିଦ୍ୟାଳୟରେ ନାମ ଲେଖାଇବା, ସହାୟକ ଉପକରଣ ପ୍ରଦାନ, ବାଣିଶ୍ରୀ ଭିନ୍ନକ୍ଷମ ଛାତ୍ର ବୃତ୍ତି, ଯାତାୟତ ଓ ସହାୟକ ଭତ୍ତା, ଅଭିଭାବକ ଓ ଶିକ୍ଷକଙ୍କୁ ତାଲିମ ପ୍ରଦାନ, ଅସ୍ତ୍ରୋପ୍ରଚାର, ମଧୁବାବୁ ଭତ୍ତା ପ୍ରଦାନ ଆଦି କାର୍ଯ୍ୟ କରିଆସୁଛନ୍ତି । ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ, ଗୃହଭିତ୍ତିକ ପ୍ରଦାନ କାର୍ଯ୍ୟ କରି ଆସୁଛନ୍ତି। ସମସ୍ତ କାର୍ଯ୍ୟ କରିବା ସତ୍ତ୍ୱେ ସରକାରଙ୍କ ଦ୍ୱାରା ଅବହେଳା ଶିକାର ହୋଇ ରହିଛନ୍ତି। ବହୁ ଶିକ୍ଷକଙ୍କ ଚାକିରୀ କାଳ ସରିବା ସମୟ ହେଲାଣି। ତଥାପି କାର୍ଯ୍ୟରତ ଗୋଷ୍ଠୀ ସମ୍ବଳ ଶିକ୍ଷକଙ୍କୁ ନିୟମିତ କରିବାରେ ସରକାର ଟାଳଟୁଳ ନୀତି ପ୍ରଦର୍ଶନ କରୁଛନ୍ତି । ସେମାନଙ୍କ ନାର୍ଯ୍ୟ ଦାବି ପୂରଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।



ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଦାବିପତ୍ର ଗ୍ରହଣ କରୁଛନ୍ତି।

# ଘର ଦୁଲମରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଡାବୁଗାଁ, ୫।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଜୁନାପାଣି ପଞ୍ଚାୟତ ଅଧୀନ ଆମ୍ବାଗୁଡ଼ା ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଘରୁ ମିଳିଛି। ମୃତକ ହେଲେ ଗାଁର ଯୋଗେନ୍ଦ୍ର ବିଷୋୟୀ (୩୫)। ସୂଚନାନୁଯାୟୀ, ସୋମବାର ସନ୍ଧ୍ୟାରେ ଯୋଗେନ୍ଦ୍ର ଘରୁ କେଉଁ ଆଡ଼େ ଚାଲି ଯାଇଥିଲେ। ସକାଳ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କିନ୍ତୁ ଯୋଗେନ୍ଦ୍ରଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ପରିବାର ଲୋକେ ଘର ପଛ ପଟେ ଥିବା ଅନ୍ୟ ଏକ କୋଠରିକୁ ଯାଇଥିଲେ। ଘର ଦୁଲମରେ ଯୋଗେନ୍ଦ୍ରଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପରିବାର ଲୋକେ ତାଙ୍କୁ ତଳକୁ କାଢ଼ି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଯୋଗେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସାନଭାଇ ଲମ୍ବୋଦର ଏ ନେଇ ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ଥାନା ଏଏସ୍‌ଆଇ ଚନ୍ଦ୍ରଶେଖର ହଜାରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ଥାନା କେସ୍ ନଂ. ୩୪/୨୪ ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ପ୍ରଭାତ କୃଷକ ବଜାର କମିଟି ନୂତନ ସଭାପତି



ମନୋନୀତ ହୋଇଥିବା ନୂତନ ସଦସ୍ୟ।

ନବରଙ୍ଗପୁର, ୫।୧୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହର ମୁଖ୍ୟ ବଜାର (କୃଷକ ବଜାର) ର ଏକ ଗୁରୁତ୍ୱପୂର୍ଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଚି। ଏଥିରେ କୃଷକ ବଜାରର ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଯୋଗଦେଇଥିଲେ। ବଜାର ପରିସରରେ ଥିବା ବିଭିନ୍ନ ସମସ୍ୟା ଉପରେ ବୈଠକରେ ଆଲୋଚନା କରାଯିବା ସହ ନୂତନ କମିଟି ଗଠନ ହୋଇଥିଲା। ସର୍ବସମ୍ମତି କ୍ରମେ ପ୍ରଭାତ ସ୍ୱାଇଁଙ୍କୁ ସଭାପତି, ଫାଲ୍‌ଗୁନୀ ପାତ୍ର କାର୍ଯ୍ୟକାରୀ ସଭାପତି, ରୋମିଓ ପାଢ଼ୀ ସମ୍ପାଦକ, ବାବୁଜି ପଟ୍ଟନାୟକ ସହ ସମ୍ପାଦକ, ସଞ୍ଜୟ ସାହୁ କୋଷାଧକ୍ଷ ଓ ଆଇନ ପରାମର୍ଶଦାତା ଭାବେ ଦେବୀ ପ୍ରସାଦ ସିଂଙ୍କୁ ମୋନାନୀତ କରାଯାଇଛି। ଆଗାମୀ ଦିନରେ ବଜାର ପରିସର ଉନ୍ନତିକୁ ଗୁରୁତ୍ୱ ଦିଆଯିବ ବୋଲି ସଭାପତି ପ୍ରଭାତ ସ୍ୱାଇଁ କହିଛନ୍ତି।

# ସନ୍ତାନଙ୍କ ମଙ୍ଗଳ ମନାସି ନାଗ ଚତୁର୍ଥୀ ପାଳିଲେ ମହିଳା

ପାପଡ଼ାହାଣ୍ଡି, ୫।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

ସନ୍ତାନଙ୍କ ମଙ୍ଗଳ ପାଇଁ ମଙ୍ଗଳବାର ମହିଳାମାନେ ନାଗ ଚତୁର୍ଥୀ ପୂଜା କରିଛନ୍ତି। ଉଇହୁଙ୍କା ଏବଂ ସାପ ଗାତ ଥିବା ସ୍ଥାନରେ ଫୁଲ ଧୂପ ସହ କ୍ଷୀର ଏବଂ ଅଣ୍ଡା ଦେଇ ପୂଜା କରାଯାଇଛି। ତେଲୁଗୁ ଏବଂ ଓଡ଼ିଆ ସମ୍ପ୍ରଦାୟର ମହିଳାମାନେ ବିଶେଷଭାବେ ଏହି ପୂଜା କରିଥାନ୍ତି। ପୂଜା ଶେଷରେ ବାଣ ଫୁଟାଯାଇଥିଲା। ପାପଡ଼ାହାଣ୍ଡି ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଏହି ପୂଜା କରାଯାଇଛି। ତେଣୁ ବିଭିନ୍ନ ଉଇ ହୁଙ୍କା ନିକଟରେ ପ୍ରବଳ ଭିଡ଼ ହୋଇଥିଲା।



ମହିଳାମାନେ ହୁଙ୍କା ନିକଟରେ ପୂଜା କରୁଛନ୍ତି।

# ଗର୍ଭରାଇ ମନ୍ଦିର ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି

ପାପଡ଼ାହାଣ୍ଡି, ୫।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମୈଦଲପୁର ଥାନା ଅଞ୍ଚଳର ମା ଗର୍ଭରାଇ ଶିବ ମନ୍ଦିର ହୁଣ୍ଡି ଭାଙ୍ଗି ସୋମବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କା ଚୋରି ହୋଇଛି। ଖବରପାଇ ମଙ୍ଗଳବାର ସକାଳୁ ମୈଦଲପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଦୁର୍ବୃତ୍ତମାନେ ହୁଣ୍ଡିରୁ ଟଙ୍କା ନେଇ ତାହାକୁ ମନ୍ଦିର ନିକଟରୁ ପ୍ରାୟ ୨ଶହ ମିଟର ଦୂର ମକାବାଡ଼ରେ ଫୋପାଡ଼ିଥିଲେ। ପୋଲିସ ମନ୍ଦିର ପରିସରରୁ ଏକ ଟର୍ଚ୍ଚ ଲାଇଟ୍ ଓ ବାହାରେ ପଡ଼ିଥିବା ଭଙ୍ଗା ହୁଣ୍ଡି ଜବତ କରିଛି।

ମଙ୍ଗଳବାର ସକାଳୁ ପୂଜକ ଧନୁର୍ଜୟ ପୂଜାରୀ ମନ୍ଦିରର ମୁଖ୍ୟ ଫାଟକ ଖୋଲି ଭିତରକୁ ଯିବା ପରେ ଠାକୁରଙ୍କ ସାମ୍ନା ଗେଟ୍‌ର ତାଲା ଭଙ୍ଗାଯାଇଥିବା ଓ ହୁଣ୍ଡି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ମନ୍ଦିର କମିଟି ସଦସ୍ୟଙ୍କୁ ଜଣାଇବା ସହ ମୈଦଲପୁର ପୋଲିସକୁ ଖବର ଦେଇଥିଲେ। ମୈଦଲପୁର ପୋଲିସ ମନ୍ଦିରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦେଢ଼ବର୍ଷ ତଳେ ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ସେବେଠାରୁ ହୁଣ୍ଡି ଖୋଲାଯାଇ ନ ଥିଲା। ତେଣୁ ସେଥିରେ ଲକ୍ଷାଧିକ ଟଙ୍କା ଥିବା ଅନୁମାନ କରାଯାଉଛି। ମନ୍ଦିର ନିକଟରୁ ୨୦୦ ମିଟର ଦୂର ମକା ବାଡ଼ରେ ହୁଣ୍ଡି ଭାଙ୍ଗି ଫୋପାଡ଼ି ଦେଇଥିଲେ। ପୋଲିସ ହୁଣ୍ଡି ଓ ଟର୍ଚ୍ଚ ଲାଇଟ୍ ଜବତକରିଛି। କେସ୍ ନଂ. ୧୪୬/୨୪ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ମୈଦଲପୁର ଥାନାଧିକାରୀ ବିପିନ କୁମାର କୁଲଦୀପ କହିଛନ୍ତି।



# ମାଲକାନଗିରିର ୪ ଖବରଦାତା ଆହତ

### ତାମିଲନାଡୁରେ ସଡ଼କ ଦୁର୍ଘଟଣା

ମାଲକାନଗିରି, ୫।୧୧ (ଦୁର୍ଯ୍ୟୋଧନ ପାତ୍ର)

ତାମିଲନାଡୁରେ ଘଟିଥିବା ସଡ଼କ ଦୁର୍ଘଟଣାରେ ୪ ଓଡ଼ିଆ ଖବରଦାତା ଆହତ ହୋଇଛନ୍ତି। ଏକ ବୋଲେରୋ ଯୋଗେ ମାଲକାନଗିରି ଜିଲାର ୪ ଜଣ ରାମେଶ୍ୱରମ୍ ଦର୍ଶନ ପାଇଁ ଯାଉଥିଲେ। ସେଠାରେ ପହଞ୍ଚିବାର କିଛି ସମୟ ପୂର୍ବରୁ ରାମାପୁରମ୍ ନିକଟରେ ମଙ୍ଗଳବାର ସକାଳୁ ଏକ ଟ୍ରକକୁ ପଛପଟୁ ବୋଲେରୋଟି ଧକ୍କା ଦେଇଥିଲା। ଆଗରେ ଯାଉଥିବା ଟ୍ରକ୍‌ଟି ହଠାତ୍ ରହି ଯିବାରୁ ଏହିପରି ଦୁର୍ଘଟଣା ହୋଇଥିଲା। ଆହତମାନେ ହେଲେ ସୌରଭ ମଣ୍ଡଳ, ପୋଟେରୁର ବିଦ୍ୟୁତ ବୈରାଗୀ, ପ୍ରଶାନ୍ତ ସାହୁ ଓ ରାଜେଶ ଓଝା। ଡ୍ରାଇଭର ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ରାମନାଡ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଜଣଙ୍କ ଅବସ୍ଥା ସାମାନ୍ୟ ଗୁରୁତର ରହିଥିବା ଜଣାପଡିଛି। ସାହାଯ୍ୟ ପାଇଁ ଖବରଦାତାଙ୍କ ପରିବାର ଲୋକେ ଓଡିଶା ସରକାରଙ୍କ ସହଯୋଗ ଲୋଡିଛନ୍ତି। ମାଲକାନଗିରି ଜିଲାପାଳ ଈଶ୍ୱର ଇଶ୍ୱର ପାଟିଲ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିବା ସହ ତାମିଲନାଡୁର ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହାସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ଏହି ଘଟଣାକୁ ଗୁରୁତର ସହ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି। ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମଧ୍ୟ ଏହି ଘଟଣାରେ ତତ୍ପରତା ଦେଖାଇ ପଦକ୍ଷେପ ନେଇ ସହାୟତାର ହାତ ବଢ଼ାଇଛନ୍ତି।



# ଛାତ୍ରବୃତ୍ତି ସହ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା

### ପ୍ରଧାନ ଶିକ୍ଷକମାନଙ୍କ ସମୀକ୍ଷା ବୈଠକ

ଡାବୁଗାଁ, ୫।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ମହକୁମାସ୍ଥିତ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରବୃତ୍ତି, ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ ପାଇଁ ପଞ୍ଜୀକରଣ, ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ, ପୋଷାକ ବଣ୍ଟନ, ଲିଡରଶିପ୍ ଆୱାର୍ଡ, ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଏବିଇଓ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଭଗବାନ ମାଝି, ଏବିଇଓ ସନ୍ତୋଷ କୁମାର ସାହୁ, ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ସୁବ୍ରତ ରଞ୍ଜନ ସାମନ୍ତରାୟ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଧନଞ୍ଜୟ ବଡ଼ଜେନା, ହେମନ୍ତ ପଣ୍ଡା, ପ୍ରସନ୍ନ କୁମାର ଦଣ୍ଡସେନା, ଗୀତାଞ୍ଜଳି ବସ୍ତିଆ, ହେମେନ୍ଦ୍ର ବେହେରା ଓ ଗୁପ୍ତେ ପ୍ରସାଦ ନାଗଙ୍କ ସହ ବ୍ଲକ୍ ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଯୋଗଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକମାନେ।


ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ | pnb punjab national bank (Together for the better) | Oriental United

ମଣ୍ଡଳ କାର୍ଯ୍ୟାଳୟ : ପଶ୍ଚିମ ମେଦିନାପୁର
ସହୀଦ କ୍ଷୁଦିରାମ ବୋଷ ରୋଡ଼, ବର୍ଦ୍ଧଜ ଟାଉନ, ମେଦିନାପୁର, ପିନ୍-୭୨୧ ୧୦୧, ପଶ୍ଚିମ ବଙ୍ଗ, ଯୋଗାଯୋଗ ନଂ.: ୯୭୩୩୧ ୦୩୫୫୧ / ୯୯୩୮୦ ୦୯୯୬୦ / ୦୩୨୨୨-୨୬୩୮୦୮, ଇମେଲ: cs8294@pnb.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
୨୬.୧୧.୨୦୨୪

ଆନେକ୍ସଚର-ଖ

**ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ଏବଂ ୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ସମୂହଭାବେ ଏବଂ ବିଶେଷ କରି ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଗଠନାତ୍ମକ/ଭୌତିକ/ସାଙ୍କେତିକ ଦଖଲ ନିଆଯାଇଅଛି, ଯାହାକୁ "ଯେପରି ଯେଉଁଠାରେ ଅଛି", "ଯାହା ଯେପରି ଅଛି" "ସେଠାରେ ଯାହା ଅଛି" ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ/ସୁରକ୍ଷିତ ଋଣଦାତାଙ୍କ ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ। ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

| କ୍ର. ନଂ. | ଶାଖାର ନାମ / ଆକାଉଣ୍ଟ ନାମ / ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ ବନ୍ଧକଦାତା / ସମ୍ପତ୍ତି ମାଲିକଙ୍କ ନାମ (ସମ୍ପତ୍ତି ବନ୍ଧକଦାତା) | କ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ତାରିଖ / ଖ) ବକେୟା ପରିମାଣ / ଗ) ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ତାରିଖ / ଘ) ଦଖଲ ପ୍ରକାର ସାଙ୍କେତିକ / ଭୌତିକ / ଗଠନାତ୍ମକ | କ) ସଂରକ୍ଷିତ ମୂଲ୍ୟ (ଲକ୍ଷରେ) / ଖ) ଅମାନତ ରାଶି (ଲକ୍ଷରେ) / ଗ) ବିଡ୍ ବୃଦ୍ଧି ପରିମାଣ (ଲକ୍ଷରେ) | ଇ-ନିଲାମ ତାରିଖ ଏବଂ ସମୟ / ସୁରକ୍ଷିତ ଋଣଦାତାଙ୍କୁ ଜଣାଥିବା ସମ୍ପତ୍ତିର ଏନକମ୍ବ୍ରାନସେସର ସବିଶେଷ ତଥ୍ୟ |
|---|---|---|---|---|---|
| ୧. | ମେଦିନାପୁର (ସୋଲ ଆଇଡି : ୦୩୫୦୦୦) / ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ. / ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ., ଠିକଣା- ପ୍ଲଟ୍ ନଂ.: ୧୧୪୭, ମୌଜା: ଜଳସହରିଆ, ପୋ.: ସହରିଆ, ଥାନା: ଭୋଗରାଇ, ତହସିଲ: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱର **ମୁଖ୍ୟ କାର୍ଯ୍ୟାଳୟ ଠିକଣା-** ଗ୍ରାମ: କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯ **ନିର୍ଦ୍ଦେଶକମାନେ: ୧) ତନୁଶ୍ରୀ ଭୂୟାଁ, ୨) ସନ୍ତୋଷ ଭୂୟାଁ, ୩) ଆଶୋକ କୁମାର ଭୂୟାଁ, ସମସ୍ତଙ୍କ ଠିକଣା-** କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯ **ଗ୍ୟାରେଣ୍ଟିଦାତା: ଅଶୋକ କୁମାର ଭୂୟାଁ,** କଳିକାଖାଲି, ପୋ.: ମଠଚାନ୍ଦିପୁର, ଥାନା: ଚାନ୍ଦିପୁର, ଜିଲ୍ଲା: ପୂର୍ବ ମେଦିନାପୁର, ପିନ୍-୭୨୧ ୬୫୯ **ଆକାଉଣ୍ଟ ନଂ.: ୦୬୭୪୯୮୧୧୦୦୦୦୧୭ (ଓଡି)** ସମ୍ପତ୍ତି ଆଇଡି: PUNBMIDNAHIRANMO | ମେମର୍ସ ହୀରଣ୍ମୟୀ କୋଲ୍ଡ ଷ୍ଟୋରେଜ ପ୍ରା. ଲିଃ. (ଋଣଗ୍ରହୀତା) ଓରଫ ମେସର୍ସ ଶୁଭ୍ରକେଶୀ ଗଙ୍ଗାଧର କୋଲ୍ଡ ଷ୍ଟୋରେଜ୍, ନିର୍ଦ୍ଦେଶକମାନେ: ଶ୍ରୀ ତନୁଶ୍ରୀ ଭୂୟାଁ, ସ୍ୱାମୀ: ଶ୍ରୀ ଅଶୋକ କୁମାର ଭୂୟାଁ ଏବଂ ଶ୍ରୀ ସନ୍ତୋଷ କୁମାର ଭୂୟାଁ, ପିତା: ବରୋଦା କାନ୍ତ ଭୂୟାଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ କୋଲ୍ଡ ଷ୍ଟୋରେଜର ଜମି ଏବଂ ଗୃହ ଯାହାର ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ମୌଜା: ଜଳସହରିଆ, ଥାନା: ଭୋଗରାଇ, ଖାତା ନଂ.: ୧୪୬, ମ୍ୟୁଟେଟେଡ ଖାତା ନଂ.: ୫୪୭/୧୨୯, ପ୍ଲଟ୍ ନଂ.: ୧୧୪୭/ ୨୬୮୯, ଦଲିଲ୍ ନଂ.: ୧୦୦୬୧୨୦୨୪୦୨, ବର୍ଷ: ୨୦୧୨, ପରିମିତ କ୍ଷେତ୍ର: ୮୭ ଡିସିମିଲି ଶିଳ୍ପାଞ୍ଚଳ ଜମି ଏବଂ ଗୃହ (ଏହି ସମ୍ପତ୍ତି ଭୌତିକ ଦଖଲରେ ଅଛି) | କ) ୩୧.୦୧.୨୦୧୩ ଖ) ଟ.୪,୪୮,୧୨,୩୧୯.୦୦ (ଚାରି କୋଟି ଅଠଚାଳିଶ ଲକ୍ଷ ବାର ହଜାର ତିନି ଶହ ଉଣେଇଶି ଟଙ୍କା) + ତା.୦୧.୦୧.୨୦୧୩ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (–) ଆଦାୟ ରାଶି ଗ) ୧୮.୦୪.୨୦୧୩ ୦୫.୦୫.୨୦୧୮ (ଭୌତିକ) ଘ) ଭୌତିକ ଦଖଲ | ଟ.୧୧୩.୪୧ ଲକ୍ଷ / ଟ.୧୧.୩୪ ଲକ୍ଷ / ଟ.୦.୦୨ ଲକ୍ଷ | ୨୬.୧୧.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା / ଡିଆରଟି-୨, କୋଲକାତାରେ ପଡି ରହିଥିବା ଏସ୍‌ଏ କେସ୍ ନଂ.: ୬୪୧/୧୩ |

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତିର ନିୟମ ଓ ସର୍ତ୍ତାବଳୀ :**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାର୍ଯ୍ୟ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ।

୧) ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାର୍ଯ୍ୟ ନିୟମ ଓ ସର୍ତ୍ତାବଳୀ ସହିତ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ବିକ୍ରୟ ଅନୁଷ୍ଠିତ ହେବ। ନିଲାମ ବିକ୍ରୟ ଇ-ନିଲାମ ମାଧ୍ୟମରେ ଅନଲାଇନରେ ପୋର୍ଟାଲ https://www.ebkray.in ରେ ଅନୁଷ୍ଠିତ ହେବ।
୨) ଇଚ୍ଛୁକ ନିଲାମଧାରୀ / କ୍ରେତାମାନେ ସେମାନଙ୍କର ଇ-ମେଲ୍ ଆଇଡି ଏବଂ ମୋବାଇଲ୍ ନଂ ବ୍ୟବହାର କରି ପୋର୍ଟାଲ (https://www.ebkray.in)ରେ ପଞ୍ଜିକରଣ କରିବେ। ଇ-କେୱାଇସି ପ୍ରକ୍ରିୟା ଡିଜିଲକର ମାଧ୍ୟମରେ କରାଯିବ। ଥରେ ଇ-କେୱାଇସି ସମ୍ପୂର୍ଣ୍ଣ ହେବା ପରେ ଇଚ୍ଛୁକ ନିଲାମଧାରୀ/କ୍ରେତାମାନେ ଚାଲାଣ ମାଧ୍ୟରେ ଅନଲାଇନରେ ସେମାନଙ୍କର ଇ-ୱାଲେଟକୁ ଅମାନତ ରାଶି ସ୍ଥାନାନ୍ତର କରିବେ। ପୋର୍ଟାଲରେ ଅମାନତ ରାଶି ଜମା କରିବା ତାରିଖ ଏବଂ ସମୟ ପୂର୍ବରୁ ସମ୍ପତ୍ତି ସହିତ ଅମାନତ ଜମାକୁ ଲିଙ୍କ୍ କରିବାକୁ ପଡିବ। ଅମାନତ ରାଶି ଦାଖଲ କରିବା ତାରିଖ, ସମୟ/ ନିଲାମର ଯଥେଷ୍ଟ ପୂର୍ବରୁ ପଞ୍ଜିକରଣ, ଇ-କେୱାଇସି ଯାଞ୍ଚ, ୱାଲେଟରେ ଅମାନତ ରାଶି ସ୍ଥାନାନ୍ତର, ସମ୍ପତ୍ତି ସହିତ ୱାଲେଟ୍ ପରିମାଣ ସମ୍ପୂର୍ଣ୍ଣ ହେବା ଆବଶ୍ୟକ।
୩) ଉପର ଦର୍ଶିତ ଅମାନତ ରାଶି ଇ-ୱାଲେଟ୍‌ରେ ଜମା କରିବା ପରେ ସମ୍ପତ୍ତି ସହିତ ଲିଙ୍କ କରାଯିବା ଆବଶ୍ୟକ। ଯେଉଁ ନିଲାମଧାରୀମାନେ ଆବଶ୍ୟକୀୟ ଅମାନତ ରାଶି ଅମାନତ ଦାଖଲ କରିବା ଶେଷ ତାରିଖ ଓ ସମୟ ପୂର୍ବରୁ ଅନଲାଇନରେ ଲିଙ୍କ କରିନଥିବେ ସେମାନଙ୍କୁ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଅନୁମତି ମିଳିବ ନାହିଁ। ଅମାନତ ରାଶି ଉପରେ କୌଣସି ସୁଧ ଦିଆଯିବ ନାହିଁ।
୪) ଇ-ନିଲାମ ସେବାପ୍ରଦାନକାରୀ: **M/s. PSB Alliance Pvt. Ltd.,** ପଞ୍ଜିକୃତ କାର୍ଯ୍ୟାଳୟ ୟୁନିଟ୍-୧, ୩ୟ ମହଲା, ଭିଆଇଓଏସ୍ କମର୍ସିଆଲ ଟାୱାର, ୱାଡଲା ଟ୍ରକ ଟର୍ମିନାଲ ନିକଟ, ୱାଡଲା ଇଷ୍ଟ, ମୁମ୍ବାଇ-୪୦୦ ୦୩୭ (ସହାୟତା ନଂ.: **+91 8291220220, Email Id: support.ebkray@psballiance.com**) ଦ୍ୱାରା ଇ-ନିଲାମ ପ୍ଲାଟଫର୍ମ **(https://www.ebkray.in)** ପ୍ରଦାନ କରାଯିବ। ଇଚ୍ଛୁକ ନିଲାମଧାରୀ / ବିକ୍ରେତା ଇ-ନିଲାମ ସେବାପ୍ରଦାନକାରୀଙ୍କ ୱେବସାଇଟ୍ https://www.ebkray.in ରେ ପ୍ରଦତ୍ତ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ପଡିବ। ଏହି ସେବାପ୍ରଦାନକାରୀ ଇ-ନିଲାମ ତାରିଖ / ଡେମୋନଷ୍ଟ୍ରେସନ ପୋର୍ଟାଲରେ ପ୍ରଦାନ କରିବେ।
୫) ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ୍: **(1) https://www.ebkray.in, (2) www.pnbindia.in.**ରେ ଉପଲବ୍ଧ।
୬) ଇ-ନିଲାମରେ ଇଚ୍ଛୁକ ଅଂଶଗ୍ରହଣକାରୀ ଇ-ନିଲାମର ନିୟମ ଓ ସର୍ତ୍ତାବଳୀ, ବିକ୍ରୟ ନୋଟିସର କପି, ଇ-ନିଲାମ ସମ୍ପର୍କିତ ପରିଚାଳନାର ସହାୟକ ପୁସ୍ତିକା ଇ-ନିଲାମ ପୋର୍ଟାଲ **https://www.ebkray.in** ରୁ ନିଃଶୁଳ୍କ ଡାଉନଲୋଡ କରିପାରିବେ।
୭) ନିଲାମ ସମୟରେ ନିଲାମଧାରୀଙ୍କ ଇ-ୱାଲେଟରେ ଯଥେଷ୍ଟ ବାଲାନ୍ସ ରାଶି **(> = EMD)** ରହିବା ଆବଶ୍ୟକ।
୮) ଇ-ନିଲାମ ସମୟରେ ଶେଷ ନିଲାମ ଡାକ ଉପରେ ଅଧିକ ବିଡ୍ କରିବାକୁ ନିଲାମଧାରୀମାନଙ୍କୁ ଅନୁମତି ଦିଆଯିବ ଏବଂ ସେମାନେ ଦର୍ଶିତ ବିଡ୍ ବୃଦ୍ଧି ରାଶିର ଗୁଣିତକ ବିଡ୍ ରାଶି ବୃଦ୍ଧି କରିପାରିବେ। ପରବର୍ତ୍ତୀ ଅଧିକ ବିଡ୍ ଡାକିବା ପାଇଁ ନିଲାମଧାରୀମାନଙ୍କୁ ୨ ମିନିଟ୍ ସମୟ ଦିଆଯିବ। ଶେଷ ନିଲାମ ଡାକପରେ ୫ ମିନିଟ୍ ଅତିକ୍ରାନ୍ତ ସମୟ ମଧ୍ୟରେ ଅଧିକତର ବିଡ୍ ରାଶି ଡାକ କରାନଗଲେ ନିଲାମକୁ ସମାପ୍ତ କରାଯିବ।
୯) ଇଚ୍ଛୁକ ନିଲାମଧାରୀ(ମାନ)ଙ୍କ ଦାୟିତ୍ୱ କି ସେ ଇ-ନିଲାମ ନିୟମ ଏବଂ ସର୍ତ୍ତାବଳୀ, ବିକ୍ରୟ ନୋଟିସ୍, ଇ-ନିଲାମ ପରିଚାଳନା ସହାୟକ ମାନୁଆଲ ଭଲଭାବେ ପଢ଼ିବା ଅବଶ୍ୟକ ଏବଂ ସଠିକ୍ ଭାବେ ଅନୁସରଣ କରିବା ଆବଶ୍ୟକ।
୧୦) ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବା ପ୍ରଦାନକାରୀ **(https://www.ebkray.in)** ଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲ ରେ ଉପଲବ୍ଧ।
୧୧) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଇ-ନିଲାମ ଚୂଡ଼ାନ୍ତ ହେବା ପରେ ସଫଳ ନିଲାମଧାରୀଙ୍କୁ ଆମର ସେବାପ୍ରଦାନକାରୀଙ୍କ ଦ୍ୱାରା ଏସ୍‌ଏମ୍‌ଏସ୍ / ଇ-ମେଲ୍ (ସେବାପ୍ରଦାନକାରୀଙ୍କୁ ଦେଇଥିବା / ପଞ୍ଜିକୃତ କରିଥିବା ଇମେଲ୍ ଠିକଣା / ମୋବାଇଲ୍ ନଂ.) ମାଧ୍ୟମରେ ଜଣାଇ ଦିଆଯିବ।
୧୨)ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ସୁରକ୍ଷିତ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ।
୧୩)ସଫଳ ନିଲାମଧାରୀ ଅମାନତ ରାଶି ବାଦ୍‌ଦେଇ ନିଲାମ ରାଶିର ୨୫% (ପଚିଶି ପ୍ରତିଶତ) ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସରେ ଦାଖଲ କରିବେ, କିନ୍ତୁ ତା'ପରେ ଗ୍ରହଣୀୟ ନୁହେଁ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ ୧୫ ଦିନ ମଧ୍ୟରେ **NEFT/RTGS/**ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଯେକୌଣସି ସିଡ୍ୟୁଲ୍ଡ ବାଣିଜ୍ୟକ ବ୍ୟାଙ୍କରୁ ଇସ୍ୟୁ କରି ଦାଖଲ କରିବେ। କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, **A/c** (ଆକାଉଣ୍ଟର ନାମ) ସପକ୍ଷରେ ଏହାକୁ ଡ୍ର କରି (ସ୍ଥାନକୁ) ପଇଠ କରିବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅର୍ଥରାଶି ପୈଠ ନକଲେ ସଫଳ କ୍ରେତା ଦାଖଲ କରିଥିବା ଅର୍ଥରାଶି ବ୍ୟାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ସମ୍ପତ୍ତିକୁ ପୁନଃ ନିଲାମ ବିକ୍ରୟ କରିବାର ଅଧିକାର ରହିଛି ଏବଂ ବିଫଳ ନିଲାମଧାରୀଙ୍କର ବାଜ୍ୟାପ୍ତି ଅର୍ଥ କିମ୍ବା ସମ୍ପତ୍ତି ଉପରେ କୌଣସି ଅଧିକାର ରହିବ ନାହିଁ।
୧୪) ସଫଳ ନିଲାମଧାରୀ ବ୍ୟାଙ୍କକୁ ବିକ୍ରୟ ଅର୍ଥ ପୈଠ କରିବା ଆୟକର ଆଇନ୍ ୧୯୬୧ ର ଧାରା **194-1A** ଅନୁଯାୟୀ ଟିଡିଏସ୍ ଲାଗୁ ହେବ ଏବଂ ସଫଳ ନିଲାମଧାରୀ ନିଲାମ ଅର୍ଥର ଅବଶିଷ୍ଟ ୭୫% ପୈଠ କରିବା ସମୟରେ ଟିଡିଏସ୍ ପୈଠ କରିବେ।
୧୫)କ୍ଷମତାପ୍ରାପ୍ତ ଅଧିକାରୀ କୌଣସି ବିଡ୍‌କୁ ଗ୍ରହଣ କିମ୍ବା କୌଣସି ଗ୍ରହଣଯୋଗ୍ୟ ବିଡ୍ ନଥିଲେ ସମସ୍ତ ବିଡ୍‌କୁ ନାକଚ କରିବା କିମ୍ବା ନିଲାମକୁ ସ୍ଥଗିତ/ବାତିଲ/ମୁଲତବି କରିବା କିମ୍ବା ନିଲାମର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ କରିପାରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ଏ ବାବଦରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୬) ଆଇନ ଅନୁସାରେ ବିକ୍ରୟ ସାର୍ଟିଫିକେଟ ସଫଳ ନିଲାମଧାରୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବିଡ ପରିମାଣ ଦାଖଲ ପରେ ଇସ୍ୟୁ କରାଯିବ।
୧୭) ସମ୍ପତ୍ତି ଗୁଡ଼ିକ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଏବଂ "ଯାହା ଯେପରି ଅଛି ଭିତ୍ତିରେ" ଏବଂ "ସେଠାରେ ଯାହା ଭିତ୍ତିରେ" ବିକ୍ରୟ କରାଯିବ।
୧୮)କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ସୂଚନା ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିର ବିବରଣୀ ଦର୍ଶିତ କିନ୍ତୁ କ୍ଷମତାପ୍ରାପ୍ତ ଅଧିକାରୀ ଏହି ଘୋଷଣାନାମାରେ କୌଣସି ତ୍ରୁଟି-ବିଚ୍ୟୁତି, ଭୁଲ୍ ବାଖ୍ୟା ନିମନ୍ତେ ଦାୟୀ ନୁହନ୍ତି।
୧୯)ନିଲାମଧାରୀମାନଙ୍କ ଦାୟିତ୍ୱ କି ସେମାନେ ବିଡ୍ ଦାଖଲ କରିବା ପୂର୍ବରୁ ସମ୍ପତ୍ତି ତଥ୍ୟ ବିଷୟରେ ସନ୍ତୁଷ୍ଟ ହେବା ଆବଶ୍ୟକ। ନିଲାମଧାରୀମାନେ ସମ୍ପତ୍ତି ଯାଞ୍ଚ ନିମନ୍ତେ ଡିଲିଙ୍ଗ୍ ଅଫିସରଙ୍କ ସହିତ ପରାମର୍ଶ କରିପାରନ୍ତି।
୨୦)କ୍ରେତା ସମସ୍ତ ବୈଧାନିକ ଦେୟ/ ଆଟେଣ୍ଡାଣ୍ଟ ଦେୟ/ ଅନ୍ୟାନ୍ୟ ଦେୟ ଯଥା - ରେଜିଷ୍ଟ୍ରେସନ୍ ଦେୟ, ଷ୍ଟାମ୍ପ ଡ୍ୟୁଟି, ଟିକସ ଇତ୍ୟାଦି ବହନ କରିବେ।
୨୧)କ୍ଷମତାପ୍ରାପ୍ତ ଅଧିକାରୀ କିମ୍ବା ବ୍ୟାଙ୍କ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ କିମ୍ବା ସରକାର କିମ୍ବା କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ କରିବେ ନାହିଁ। ଇଚ୍ଛୁକ ନିଲାମଧାରୀମାନଙ୍କୁ ପରାମର୍ଶ କି ସେମାନେ ସମ୍ପତ୍ତି ସମ୍ବନ୍ଧୀୟ ବୈଧାନିକ ଦେୟ, ବକେୟା ସମ୍ପତ୍ତି କର, ବିଦ୍ୟୁତ୍ ଦେୟ ସହିତ ସମ୍ପତ୍ତିର ଏନ୍‌କମ୍ବ୍ରାନ୍ସ ବିଷୟରେ ସ୍ୱତନ୍ତ୍ର ଭାବେ ଅନୁସନ୍ଧାନ କରିବା ଆବଶ୍ୟକ।
୨୨) ନିଲାମଧାରୀମାନେ ଉପଯୁକ୍ତ ଇଣ୍ଟରନେଟ୍ ସଂଯୋଗ, ପାୱାର ବ୍ୟାକ୍‌ଅପ୍ ଇତ୍ୟାଦିକୁ ସୁନିଶ୍ଚିତ କରିବା ଉଚିତ୍। ଇ-ନିଲାମକୁ ପ୍ରଭାବିତ କରୁଥିବା କୌଣସି ବୈଷୟିକ କାରଣ କିମ୍ବା ଅଘଟଣ କିମ୍ବା ଇଣ୍ଟରନେଟ୍ ବିଫଳତା, ଶକ୍ତି ସଂକଟ ବିଷୟରେ ବ୍ୟାଙ୍କ ଦାୟୀ ରହିବେ ନାହିଁ।
୨୩) ବ୍ୟାଙ୍କ ପ୍ରତିନିଧି ନିଯୁକ୍ତ କରି ନିଜସ୍ୱ ନିଲାମ ଡାକ କରିବା ଏବଂ ଇ-ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ଉନ୍ମୁକ୍ତ ଅଟେ।
୨୪) ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ୱେବସାଇଟ୍: **https://www.ebkray.in, www.pnbindia.in** ଦେଖନ୍ତୁ।

ତାରିଖ : ୦୬.୧୧.୨୦୨୪, ସ୍ଥାନ: ପଶ୍ଚିମ ମେଦିନାପୁର
ସ୍ୱା/- ଶ୍ରୀ ପଞ୍ଚାନନ ସାହୁ, କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ

